# ଜଳରେ ବାପ୍ତିସ୍ମ



ଆଶିଷ୍ ରାଇଚୁର୍

**ଏହି ପୁସ୍ତକ ମାଗଣାରେ ବଣ୍ଟନ ପାଇଁ ଉଦ୍ଦିଷ୍ଟ ।**

ମୁଦ୍ରଣ ଓ ବଣ୍ଟନ : ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଆଣ୍ଡ୍ ୱାଲର୍ଡ୍ ଆଉଟ୍‌ରିଚ୍, ବାଙ୍ଗାଲୁରୁ, ଇଣ୍ଡିଆ

ପ୍ରଥମ ସଂସ୍କରଣ : ଅକ୍ଟୋବର ୨୦୨୦

ଓଡ଼ିଆ ଅନୁବାଦ : ଭାବୀ ବିଭବ ବନିଫେସ୍ କର

**ଯୋଗାଯୋଗ ଠିକଣା :**

All Peoples Church & World Outreach
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore - 560043
Karnataka, INDIA

Phone : +91-80-25452617
Email : bookrequest@apcwo.org
Website : **www.apcwo.org**

**ଆର୍ଥିକ ଭାଗୀଦାରୀ :**

ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ସଦସ୍ୟ, ଅଂଶୀଦାର ଓ ବନ୍ଧୁମାନଙ୍କର ଆର୍ଥିକ ସାହାଯ୍ୟ ଯୋଗୁଁ ଏହି ପୁସ୍ତକକୁ ମାଗଣାରେ ବଣ୍ଟନ କରିବା ସମ୍ଭବ ହୋଇପାରିଛି । ମାଗଣାରେ ଉପଲବ୍ଧ ଏହି ପୁସ୍ତକ ଦ୍ୱାରା ଯଦି ଆପଣ ଆତ୍ମିକ ଆଶୀର୍ବାଦ ପାଇଛନ୍ତି, ତେବେ ଏହାର ପୁନଃ ମୁଦ୍ରଣ ଓ ବଣ୍ଟନ ନିମନ୍ତେ ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଉଦ୍ଦେଶ୍ୟରେ ଆପଣଙ୍କ ସ୍ୱେଚ୍ଛାକୃତ ଦାନ ପଠାଇ ପାରନ୍ତି । ଆପଣଙ୍କ ଦାନ କିପରି ପଠାଇବେ ଜାଣିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/giveକୁ ପରିଦର୍ଶନ କରନ୍ତୁ କିମ୍ବା ଏହି ପୁସ୍ତକର ଶେଷ ଭାଗରେ ଥିବା ପୃଷ୍ଠା "ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ଅଂଶୀଦାର ହୁଅନ୍ତୁ"କୁ ପାଠ କରନ୍ତୁ । ଧନ୍ୟବାଦ !

**ମେଲିଂ ଲିଷ୍ଟ୍ :**

ଏହି ପ୍ରକାଶନ ପକ୍ଷରୁ ନୂତନ ଭାବରେ ପ୍ରକାଶ ପାଉଥିବା ପୁସ୍ତକଗୁଡ଼ିକୁ ପାଇବା ନିମନ୍ତେ ଆପଣଙ୍କର ସଠିକ୍ ଡାକ ଠିକଣା ଆମ ନିକଟକୁ ଇମେଲ୍ କରି ପଠାନ୍ତୁ । ଆପଣଙ୍କ ଠିକଣା ଆମ ମେଲିଂ ଲିଷ୍ଟ୍‌ରେ ଅନ୍ତର୍ଭୁକ୍ତ କରାଯିବ । ଆମର ଇମେଲ୍ : bookrequest@apcwo.org

**ଭାରତ ଭିତରେ ମାଗଣା ବଲ୍କ ଅର୍ଡ଼ର :**

ଆପଣଙ୍କ ସ୍ଥାନୀୟ ମଣ୍ଡଳୀରେ, ବାଇବଲ୍ ଅଧ୍ୟୟନ ଦଳରେ, ବାଇବଲ୍ କଲେଜ୍‌ରେ, ସେମିନାର୍‌ରେ, ସଭାସମିତିରେ, ବହି ଦୋକାନରେ, ବ୍ୟବସାୟ ଇତ୍ୟାଦିରେ ମାଗଣାରେ ବଣ୍ଟନ କରିବା ପାଇଁ ଆମେ ଆମର ପୁସ୍ତକସବୁ ପଠାଇପାରିବୁ । ଆପଣଙ୍କ ଡାକ ଠିକଣା ଓ କେତେ ଖଣ୍ଡ ପୁସ୍ତକ ଆବଶ୍ୟକ ତାହା ଆମକୁ ଇମେଲ୍ କରି bookrequest@apcwo.org ଠିକଣାରେ ପଠାନ୍ତୁ ।

**Water Baptism (Odia)**

# ଜଳରେ ବାପ୍ତିସ୍ମ

# ସୂଚୀପତ୍ର


ମୁଖବନ୍ଧ ୧

୧. ମନପରିବର୍ତ୍ତନର ଏକ ଲକ୍ଷଣ ୨

୨. ସମସ୍ତ ଧର୍ମକର୍ମ ପାଳନ ୬

୩. ଆପଣ ଯେ ତାଙ୍କର ଜଣେ ଶିଷ୍ୟ ଅଟନ୍ତି ତା'ର ଏକ ସାକ୍ଷ୍ୟ ୧୧

୪. ଯୀଶୁ ଖ୍ରୀଷ୍ଟଙ୍କଠାରେ ଥିବା ଆପଣଙ୍କ ବିଶ୍ୱାସର ଏକ ସାକ୍ଷ୍ୟ ୧୬

୫. ଯୀଶୁଙ୍କ ସଙ୍ଗେ ଆପଣ ଚିହ୍ନିତ ଅଟନ୍ତି ବୋଲି ଏକ ଘୋଷଣା ୨୦

୬. ଶୁଚି ବିବେକ ପାଇବା ନିମନ୍ତେ ପ୍ରାର୍ଥନା ୨୫

୭. କେତେକ ସାଧାରଣ ପ୍ରଶ୍ନର ଉତ୍ତର ୨୮

# ମୁଖବନ୍ଧ

ଖ୍ରୀଷ୍ଟ ବିଶ୍ୱାସୀମାନଙ୍କର ଆତ୍ମିକ ଯାତ୍ରାରେ ଜଳରେ ବାପ୍ତିସ୍ମ ଗ୍ରହଣ ଏକ ମହତ୍ତ୍ୱପୂର୍ଣ୍ଣ ଅନୁଭୂତି ଅଟେ । ଆମେ ଯେତେଜଣ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରି ତାଙ୍କର ଅନୁଗମନ କରିବାର ନିଷ୍ପତ୍ତି ନେଇଛୁ କୌଣସି ଏକ ସମୟରେ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥାଉ । ଯେଉଁମାନେ ତାଙ୍କର ଅନୁଗମନ କରିବେ ବୋଲି ସ୍ଥିର କରିଥାନ୍ତି ସେମାନେ ଜଳରେ ବାପ୍ତିସ୍ମ ନେବା ଆବଶ୍ୟକ ବୋଲି ସ୍ୱୟଂ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆଦେଶ ପ୍ରଦାନ କରିଛନ୍ତି । ତେଣୁ ଏହି ଆଦେଶକୁ ଆମେ ନିଶ୍ଚେ ପାଳନ କରିବାକୁ ହେବ । ଏହି ପୁସ୍ତକରେ ଜଳରେ ବାପ୍ତିସ୍ମର ଅର୍ଥ ଓ ତାତ୍ପର୍ଯ୍ୟକୁ ସରଳ ଭାଷାରେ ବୁଝାଇ ଦିଆଯାଇଛି । ଏହି ପ୍ରସଙ୍ଗ ଉପରେ ଏଠାରେ ଈଶ୍ୱରଙ୍କ ବାକ୍ୟରୁ କରାଯାଇଥିବା ଅଧ୍ୟୟନ ବାପ୍ତିସ୍ମ ଗ୍ରହଣ କରିବା ନିମନ୍ତେ ପ୍ରସ୍ତୁତ ହେଉଥିବା ପ୍ରାର୍ଥୀମାନଙ୍କ ନିମନ୍ତେ ଉପଯୋଗୀ ଅଟେ ।

ଜଳରେ ବାପ୍ତିସ୍ମ ଗ୍ରହଣ ସମ୍ପର୍କିତ ଛ'ଟି ମହତ୍ତ୍ୱପୂର୍ଣ୍ଣ ସତ୍ୟ ଏଠାରେ ଆଲୋଚିତ ହୋଇଛି:

୧)   ମନ ପରିବର୍ତ୍ତନର ଏକ ଲକ୍ଷଣ

୨)   ସମସ୍ତ ଧର୍ମକର୍ମ ପାଳନ

୩)   ଆପଣ ଯେ ତାଙ୍କର ଜଣେ ଶିଷ୍ୟ ଅଟନ୍ତି ତା'ର ଏକ ସାକ୍ଷ୍ୟ

୪)   ଯୀଶୁ ଖ୍ରୀଷ୍ଟଙ୍କଠାରେ ଥିବା ଆପଣଙ୍କ ବିଶ୍ୱାସର ଏକ ସାକ୍ଷ୍ୟ

୫)   ଯୀଶୁଙ୍କ ସଙ୍ଗେ ଆପଣ ଚିହ୍ନିତ ଅଟନ୍ତି ବୋଲି ଏକ ଘୋଷଣା

୬)   ଶୁଚି ବିବେକ ପାଇବା ନିମନ୍ତେ ପ୍ରାର୍ଥନା

ଜଳରେ ବାପ୍ତିସ୍ମ ପ୍ରସଙ୍ଗ ଉପରେ ପଚରାଯାଉଥିବା କେତେକ ସାଧାରଣ ପ୍ରଶ୍ନର ଉତ୍ତର ମଧ୍ୟ ଏଠାରେ ଦିଆଯାଇଛି ।

ଈଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ !

ଆଶିଷ୍ ରାଇଚୁର୍

## ୧

# ମନ ପରିବର୍ତ୍ତନର ଏକ ଲକ୍ଷଣ

ନୂତନ ନିୟମରେ ଯେଉଁ ବ୍ୟକ୍ତି ପ୍ରଥମେ ଜଳରେ ବାପ୍ତିସ୍ମ ନେବାର ଘୋଷଣା କରିଥିଲେ ଓ ଲୋକମାନଙ୍କୁ ବାପ୍ତିଜିତ କରିଥିଲେ ସେ ହେଉଛନ୍ତି ବାପ୍ତିଜକ ଯୋହନ । ସେ ଯୀଶୁ ଖ୍ରୀଷ୍ଟଙ୍କର ଅଗ୍ରଦୂତ ଭାବରେ ଆସିଥିଲେ । ଯୀଶୁଙ୍କର ସେବାକାର୍ଯ୍ୟ ନିମନ୍ତେ ଲୋକମାନଙ୍କୁ ପ୍ରସ୍ତୁତ କରିବା ଓ ଜଗତରେ ଯୀଶୁ ଖ୍ରୀଷ୍ଟଙ୍କୁ ପରିଚିତ କରାଇବା ଥିଲା ତାଙ୍କର କାର୍ଯ୍ୟ ।

**ମାର୍କ ୧ :୪-୫**
**୪ ବାପ୍ତିଜକ ଯୋହନ ପ୍ରାନ୍ତରରେ ଉପସ୍ଥିତ ହୋଇ ପାପକ୍ଷମା ନିମନ୍ତେ ମନଃପରିବର୍ତ୍ତନର ବାପ୍ତିସ୍ମ ଘୋଷଣା କରିବାକୁ ଲାଗିଲେ ।**
**୫ ସେଥିରେ ସମସ୍ତ ଯିହୂଦା ପ୍ରଦେଶ ଓ ସମସ୍ତ ଯିରୂଶାଲମନିବାସୀ ବାହାରି ତାଙ୍କ ନିକଟକୁ ଆସିବାକୁ ଲାଗିଲେ ଓ ଆପଣା ଆପଣା ପାପ ସ୍ୱୀକାର କରି ତାଙ୍କ ଦ୍ୱାରା ଯର୍ଦ୍ଦନ ନଦୀରେ ବାପ୍ତିଜିତ ହେଲେ ।**

ଯୋହନଙ୍କର ବାପ୍ତିସ୍ମକୁ ମନ ପରିବର୍ତ୍ତନର ବାପ୍ତିସ୍ମ କୁହାଯାଏ । ଏହାର ଅର୍ଥ ଯେଉଁମାନେ ମନ ପରିବର୍ତ୍ତନ କରି ପାପସ୍ୱୀକାର କରୁଥିଲେ ସେମାନଙ୍କୁ ସେ ବାପ୍ତିସ୍ମ ଦେଉଥିଲେ ।

ମନ ପରିବର୍ତ୍ତନର ଗ୍ରୀକ୍ ପ୍ରତିଶବ୍ଦ metanoiaର ଅର୍ଥ *"ମନ ବା ଉଦ୍ଦେଶ୍ୟର ଏକ ପରିବର୍ତ୍ତନ"* ଏବଂ ଏହି ପରିବର୍ତ୍ତନ ଜୀବନକୁ ଅଧିକତର ଉନ୍ନତ କରିଥାଏ । ନୂତନ ନିୟମରେ ଏହାର ଅର୍ଥ ଆମମାନଙ୍କର ବ୍ୟକ୍ତିଗତ ପାପ ଓ ପାପପୂର୍ଣ୍ଣ ମାର୍ଗସକଳରୁ ମନ ଓ ଉଦ୍ଦେଶ୍ୟ ପରିବର୍ତ୍ତନ କରି ଈଶ୍ୱରଙ୍କ ପ୍ରତି ଫେରିବା ଓ ତାଙ୍କ ପଥରେ ଚାଲିବାକୁ ମନୋନୀତ କରିବା ।

ଯୋହନ ଯେଉଁ ମନ ପରିବର୍ତ୍ତନ ବିଷୟରେ ଘୋଷଣା କରିଥିଲେ ଓ ଶିକ୍ଷା ଦେଇଥିଲେ ସେଥିରେ ନିମ୍ନ ବିଷୟମାନ ରହିଥିଲା:

- ପାପସ୍ୱୀକାର (ମାର୍କ ୧:୫) । ଏହାର ଅର୍ଥ ସେମାନେ ନିଜର ଅଧର୍ମସବୁକୁ ହୃଦ୍‌ବୋଧ କରି ସ୍ୱୀକାର କରୁଥିଲେ ।

- ମନ ପରିବର୍ତ୍ତନର ଉପଯୁକ୍ତ ଫଳ ଉତ୍ପନ୍ନ କରିବା (ଲୂକ ୩:୮)। ଏହାର ଅର୍ଥ ସେମାନଙ୍କ ଜୀବନ ଯାପନ ସେମାନଙ୍କ ମନ ପରିବର୍ତ୍ତନକୁ ପ୍ରମାଣିତ କରୁଥିଲା (ଲୂକ ୩:୧୧-୧୪) ।

ତେଣୁ, ପ୍ରଥମେ ମନର ପରିବର୍ତ୍ତନ (ଚିନ୍ତାଧାରାରେ ପରିବର୍ତ୍ତନ ଆସିବା) ଯାହାର ଫଳସ୍ୱରୂପ ଜୀବନରେ ପରିବର୍ତ୍ତନ ଆସିଥାଏ (ଜୀବନଯାପନରେ ପରିବର୍ତ୍ତନ) ।

ବାପ୍ତିସ୍ମ ଶବ୍ଦର ଗ୍ରୀକ୍ ପ୍ରତିଶବ୍ଦ *"baptizo"* । ଏହାର ଅର୍ଥ *ଡୁବାଇବା, ନିମଜ୍ଜିତ କରିବା, ବୁଡ଼ାଇବା, ନିମଜ୍ଜିତ କରି ପରିଷ୍କାର କରିବା ।* ତେବେ ଗ୍ରୀକ୍ ଶବ୍ଦ *"baptisma"* ର ଅର୍ଥ *ଡୁବାଇବା ବା ନିମଜ୍ଜିତ କରିବା ।* ତେଣୁ ଏହି ଶବ୍ଦର ଅର୍ଥରୁ ଓ ନୂତନ ନିୟମରେ ପ୍ରଚଳିତ ବାପ୍ତିସ୍ମ ପ୍ରଣାଳୀରୁ ଓ ଜଳରେ ବାପ୍ତିସ୍ମର ଆତ୍ମିକ ତାତ୍ପର୍ଯ୍ୟରୁ (ଯାହାକୁ ଆମେ ପରେ ଅଧ୍ୟୟନ କରିବା) ଏହା ସ୍ପଷ୍ଟ ହୁଏ ଯେ ଜଣେ ବ୍ୟକ୍ତି ଜଳରେ ବାପ୍ତିସ୍ମ ଗ୍ରହଣ କଲେ, ତାକୁ ଜଳରେ ସମ୍ପୂର୍ଣ୍ଣରୂପେ ବୁଡ଼ାଇ ଦିଆଯାଏ । ନୂତନ ନିୟମର ଜଳ ବାପ୍ତିସ୍ମରେ ଜଣେ ବ୍ୟକ୍ତି ଉପରେ ଜଳ ସିଞ୍ଚନ କରାଯାଇ ନ ଥାଏ, ମାତ୍ର ତାକୁ ଜଳରେ ସମ୍ପୂର୍ଣ୍ଣରୂପେ ଡୁବାଇ ଦିଆଯାଏ ।

## ମନ ପରିବର୍ତ୍ତନ ଓ ବିଶ୍ୱାସ

ମନ ପରିବର୍ତ୍ତନ ନିମନ୍ତେ ସେସମୟରେ ଯେଉଁ ସମ୍ବାଦ ଦିଆଯାଇଥିଲା ଓ ବର୍ତ୍ତମାନ ମଧ୍ୟ ସେହି ସମ୍ବାଦ ଦିଆଯାଉଛି ସେଥିରେ ଏକ ଆମନ୍ତ୍ରଣ ରହିଛି ଏବଂ ତାହା ହେଉଛି: ରାଜ୍ୟର ସୁସମାଚାରରେ ବିଶ୍ୱାସ କର ଓ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିବାର ଅଧିକାର ପ୍ରାପ୍ତ ହୁଅ ।

**ମାର୍କ ୧:୧୪-୧୫**

**୧୪ ଯୋହନ କାରାରୁଦ୍ଧ ହେଲା ପରେ ଯୀଶୁ ଗାଲିଲୀକୁ ଆସି ଈଶ୍ୱରଙ୍କ ସୁସମାଚାର ଘୋଷଣା କରି କହିବାକୁ ଲାଗିଲେ,**

**୧୫ କାଳ ସମ୍ପୂର୍ଣ୍ଣ ହେଲାଣି, ଈଶ୍ୱରଙ୍କ ରାଜ୍ୟ ସନ୍ନିକଟ; ମନ ପରିବର୍ତ୍ତନ କର ଓ ସୁସମାଚାରରେ ବିଶ୍ୱାସ କର ।**

ଏଫିସୀୟ ବିଶ୍ୱାସୀମାନଙ୍କୁ ପାଉଲ ଏହି ବିଷୟ ବୁଝାଇ କହିଥିଲେ:

**ପ୍ରେରିତ ୧୯:୪**

**ସେଥିରେ ପାଉଲ କହିଲେ, ଯୋହନ ମନ ପରିବର୍ତ୍ତନର ବାପ୍ତିସ୍ମରେ ବାପ୍ତିସ୍ମ ଦେଇ, ତାଙ୍କ ପରେ ଯେ ଆସିବେ, ତାହାଙ୍କଠାରେ, ଅର୍ଥାତ୍ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ହେବ ବୋଲି ଲୋକମାନଙ୍କୁ କହୁଥିଲେ ।**

ତେଣୁ ପ୍ରଥମ ବିଷୟ ଅନୁତପ୍ତ ହେବା, ଯାହାର ଅର୍ଥ ମନ ଓ ଉଦ୍ଦେଶ୍ୟର ପରିବର୍ତ୍ତନ । ଆମେ ହୃଦୟଙ୍ଗମ କରୁ ଯେ ଆମର ମାର୍ଗସକଳ ଆମକୁ ସର୍ବନାଶ ଆଡ଼କୁ କଢ଼ାଇ ନେଉଛି । ଆମେ ଯେଉଁସବୁ ପାପ ପଥ, ଜଗତର ପଥ, ଅନ୍ଧକାର ପଥ ବା ଯେକୌଣସି ପଥର ଅନୁସରଣ କରୁଛୁ ସେସବୁକୁ ଆମକୁ ଜୀବନ ଆଡ଼କୁ କଢ଼ାଇ ନେଇ ନ ଥାନ୍ତି । ଆମର ପଥ ବିଷୟରେ ଆମେ ସାବଧାନ ହୋଇ ମନ ପରବର୍ତ୍ତନ କରୁ । ଏହା ପରେ ଆମେ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିବାକୁ ମନୋନୀତ କରୁ, ଓ ପରିତ୍ରାଣରୂପ ଉପହାର ଗ୍ରହଣ କରୁ (ଯାହା ସେ ଆମକୁ ମାଗଣାରେ ଦେଇଥାନ୍ତି) ଏବଂ ତାହାଙ୍କର ଗୌରବଜନକ ଆଲୋକର ରାଜ୍ୟରେ ପ୍ରବେଶ କରିଥାଉ । ବର୍ତ୍ତମାନ ଆମେ ଆମର ଚିନ୍ତାଧାରାକୁ ଯୀଶୁଖ୍ରୀଷ୍ଟ ଓ ତାହାଙ୍କ ରାଜ୍ୟ ଅନୁସାରେ ପରିବର୍ତ୍ତିତ କରିଥାଉ । ଆମେ ମନ ପରିବର୍ତ୍ତନ କରୁ ଓ ବିଶ୍ୱାସ କରୁ ।

## ମନ ପରିବର୍ତ୍ତନ କର, ବିଶ୍ୱାସ କର ଓ ବାପ୍ତିଜିତ ହୁଅ

**ମାର୍କ ୧୬:୧୫-୧୬**

**୧୫ ପୁଣି, ସେ ସେମାନଙ୍କୁ କହିଲେ, ତୁମ୍ଭେମାନେ ସମୁଦାୟ ଜଗତକୁ ଯାଇ ସମସ୍ତ ମାନବଜାତି ନିକଟରେ ସୁସମାଚାର ଘୋଷଣା କର ।**

**୧୬ ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ; କିନ୍ତୁ ଯେ ଅବିଶ୍ୱାସ କରେ ସେ ଦଣ୍ଡାଜ୍ଞା ପାଇବ ।**

**ପ୍ରେରିତ ୨:୩୮, ୪୧**

**୩୮ ତେଣୁ ପିତର ସେମାନଙ୍କୁ କହିଲେ, ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜର ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ; ତାହାହେଲେ ଆପଣମାନେ ପବିତ୍ରଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।**

**୪୧ ସେଥିରେ ଯେଉଁମାନେ ତାହାଙ୍କ ବାକ୍ୟ ଗ୍ରହଣ କଲେ, ସେମାନେ ବାପ୍ତିଜିତ ହେଲେ, ଆଉ ସେହିଦିନ ପ୍ରାୟ ତିନି ସହସ୍ର ଲୋକ ମଣ୍ଡଳୀ ସହିତ ସଂଯୁକ୍ତ ହେଲେ ।**

ଯେତେବେଳେ ଆମେ ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାର ଶୁଣୁ, ମନ ପରିବର୍ତ୍ତନ କରୁ ଓ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରୁ ଆମେ ସେତେବେଳେ ବାପ୍ତିସ୍ମ ନେବାପାଇଁ ପ୍ରସ୍ତୁତ ଅଟୁ । ଜଳରେ ବାପ୍ତିସ୍ମ ଗ୍ରହଣର ପୂର୍ବ-ଆବଶ୍ୟକତା ହେଉଛି ମନ ପରିବର୍ତ୍ତନ କରି ପାପକ୍ଷମା ଓ ପରିତ୍ରାଣ ପାଇବା ନିମନ୍ତେ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିବା ।

ମନ ପରିବର୍ତ୍ତନ କରି ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କଲେ ଆମେ ପାପ ଓ ଏହାର ପରିଣାମସବୁରୁ ରକ୍ଷା ପାଇଥାଉ । ନରକରେ ନିକ୍ଷିପ୍ତ ହୋଇ ଈଶ୍ୱରଙ୍କଠାରୁ ଚିରକାଳ

ପାଇଁ ବିଚ୍ଛିନ୍ନ ହେବା ପରିବର୍ତ୍ତେ ଆମେ ଈଶ୍ୱରଙ୍କ ସନ୍ତାନରୂପେ ପରିଗଣିତ ହୋଇଛୁ, ଅନନ୍ତ ଦଣ୍ଡାଜ୍ଞାରୁ ରକ୍ଷା ପାଇଛୁ, ପରିତ୍ରାଣ ପାଇଛୁ ଓ ତାହାଙ୍କ ରାଜ୍ୟର ଅଂଶୀ ହୋଇଛୁ । ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ଆମେ ଅନୁଗ୍ରହରେ ପରିତ୍ରାଣ ପାଇଛୁ (ଏଫିସୀୟ ୨:୮) । ଅନନ୍ତ ଜୀବନ ଈଶ୍ୱରଙ୍କର ଏକ ଅନୁଗ୍ରହଦାନ, ଏହା କ୍ରିୟାକର୍ମ ବ୍ୟତିରେକେ ଆମେ ପାଇଛୁ (ରୋମୀୟ ୬:୨୩) । ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିବା ଦ୍ୱାରା ଆମେ ପରିତ୍ରାଣ ପାଇଥାଉ (ପ୍ରେରିତ ୧୦:୩୧, ରୋମୀୟ ୧୦:୧୩) ।

ପରିତ୍ରାଣର ଅନୁଭୂତି ଲାଭ କଲାପରେ ଜଳରେ ବାପ୍ତିସ୍ମ ଗ୍ରହଣ କରିବା ଆବଶ୍ୟକ । ମନ ପରିବର୍ତ୍ତନ କରି ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିବା ଦ୍ୱାରା ଆମେ ଯେଉଁ ପରିତ୍ରାଣ ପାଇଥାଉ ଏହା ତାର ଅଭିବ୍ୟକ୍ତି ଅଟେ ।

## ଅନୁଚିନ୍ତା

୧) "ମନ ପରିବର୍ତ୍ତନ" ର ଅର୍ଥ କ'ଣ ?

୨) "ବାପ୍ତିସ୍ମ ଦେବା" ର ଅର୍ଥ କ'ଣ ?

୩) ଜଳରେ ବାପ୍ତିସ୍ମ ଗ୍ରହଣ ପୂର୍ବରୁ ଜଣେ ବ୍ୟକ୍ତିଠାରେ କ'ଣ ଘଟିବା ଆବଶ୍ୟକ ?

୪) ଜଳରେ ବାପ୍ତିସ୍ମ ଗ୍ରହଣ କରିବାର ପୂର୍ବ-ସର୍ତ୍ତସବୁ ଆପଣ ପୂରଣ କରିଛନ୍ତି କି ?

# ୨

# ସମସ୍ତ ଧର୍ମକର୍ମ ପାଳନ

ମନ ପରିବର୍ତ୍ତନର ବାପ୍ତିସ୍ମ ଘୋଷଣା କରି ବାପ୍ତିଜକ ଯୋହନ ତାଙ୍କର ସେବାକାର୍ଯ୍ୟ ଆରମ୍ଭ କରିବା ପରେ, ମାନବରୂପରେ ଜନ୍ମଗ୍ରହଣ କରିଥିବା ଈଶ୍ୱର, ପ୍ରଭୁ ଯୀଶୁ ଖ୍ରୀଷ୍ଟ ସ୍ୱୟଂ ବାପ୍ତିଜକ ଯୋହନଙ୍କ ନିକଟକୁ ଆସିଥିଲେ ଜଳରେ ବାପ୍ତିସ୍ମ ଗ୍ରହଣ କରିବା ପାଇଁ । ପ୍ରଭୁ ଯୀଶୁ ନିଷ୍ପାପ ଥିଲେ, ତେଣୁ ସେ ମନ ପରିବର୍ତ୍ତନ କରିବା ଆବଶ୍ୟକ ନ ଥିଲା । ସେ ପାପଶୂନ୍ୟ, ସିଦ୍ଧ ଥିଲେ ଏବଂ ପ୍ରତ୍ୟେକ ମୁହୂର୍ତ୍ତ ପିତାଙ୍କର ଆଜ୍ଞାବହ ହୋଇ ଜୀବନ ଯାପନ କରୁଥିଲେ । ସେ ଥିଲେ ଈଶ୍ୱରଙ୍କ ମେଷଶାବକ, ଯେ କି ଜଗତର ପାପ ବହନ କରି ନେବା ପାଇଁ ଆସିଥିଲେ । ତେବେ ଯୀଶୁ କାହିଁକି ଜଳରେ ବାପ୍ତିଜିତ ହେଲେ ? ଏହାର ଦୁଇଟି କାରଣ ଆମେ ଧର୍ମଶାସ୍ତ୍ରରେ ପାଇଥାଉ ।

## ସେ ସେହି ବ୍ୟକ୍ତି ଥିଲେ

**ଯୋହନ ୧ :୨୯-୩୪**
**୨୯ ତହିଁ ଆରଦିନ ସେ ଯୀଶୁଙ୍କୁ ନିଜ ପାଖକୁ ଆସୁଥିବା ଦେଖି କହିଲେ, ଏହି ଦେଖ, ଈଶ୍ୱରଙ୍କ ମେଷଶାବକ, ଯେ ଜଗତର ପାପ ବହିନେଇଯାଆନ୍ତି ।**
**୩୦ ମୋ' ଉତ୍ତାରେ ଯେ ଆସୁଅଛନ୍ତି, ସେ ମୋହର ଅଗ୍ରଗଣ୍ୟ ହୋଇଅଛନ୍ତି, କାରଣ ସେ ମୋର ପୂର୍ବରେ ଥିଲେ, ଯାହାଙ୍କ ବିଷୟରେ ମୁଁ ଏହା କହିଥିଲି, ସେ ଏହି ।**
**୩୧ ମୁଁ ମଧ୍ୟ ତାହାଙ୍କୁ ଚିହ୍ନି ନ ଥିଲି, କିନ୍ତୁ ସେ ଯେପରି ଇସ୍ରାଏଲ ନିକଟରେ ପ୍ରକାଶିତ ହୁଅନ୍ତି, ଏଥିସକାଶେ ମୁଁ ଜଳରେ ବାପ୍ତିସ୍ମ ଦେବାକୁ ଆସିଅଛି ।**
**୩୨ ଆଉ, ଯୋହନ ସାକ୍ଷ୍ୟ ଦେଇ କହିଲେ, ମୁଁ ଆତ୍ମାଙ୍କୁ କପୋତ ପରି ଆକାଶରୁ ଅବତରଣ କରିବା ଦେଖିଅଛି, ଆଉ ସେ ତାହାଙ୍କ ଉପରେ ଅବସ୍ଥାନ କଲେ ।**
**୩୩ ମୁଁ ମଧ୍ୟ ତାହାଙ୍କୁ ଚିହ୍ନି ନ ଥିଲି, ମାତ୍ର ଯେ ମୋତେ ଜଳରେ ବାପ୍ତିସ୍ମ ଦେବାକୁ ପଠାଇଲେ, ସେ ମୋତେ କହିଲେ, ଯାହାଙ୍କ ଉପରେ ଆତ୍ମାଙ୍କ ଅବତରଣ ଓ ଅବସ୍ଥାନ କରିବା ଦେଖିବ, ସେ ପବିତ୍ର ଆତ୍ମାରେ ବାପ୍ତିସ୍ମ ଦିଅନ୍ତି, ସେ ସେହି ବ୍ୟକ୍ତି ।**
**୩୪ ଆଉ, ମୁଁ ତାହା ଦେଖିଅଛି ଓ ସେ ଈଶ୍ୱରଙ୍କ ପୁତ୍ର ବୋଲି ସାକ୍ଷ୍ୟ ଦେଉଅଛି ।**

ବାପ୍ତିଜକ ଯୋହନ ଯୀଶୁଙ୍କୁ ମଶିହ ବା ଜଗତର ତ୍ରାଣକର୍ତ୍ତାରୂପେ ପରିଚିତ କରାଇବାକୁ ଯାଉଥିଲେ । ଈଶ୍ୱର ଯୋହନଙ୍କୁ ଆଦେଶ ଦେଇଥିଲେ ଯେ ସେ ଯୀଶୁଙ୍କୁ ମନ ପରିବର୍ତ୍ତନ କରିଥିବା ଜଣେ ବ୍ୟକ୍ତି ଭାବରେ ଜଳରେ ବାପ୍ତିସ୍ମ ଦେବେ, ଏବଂ ବାପ୍ତିସ୍ମ ସମୟରେ ସେ ମଧ୍ୟ ଇଶ୍ରାଏଲ ଓ ଜଗତ ଆଗରେ ଈଶ୍ୱରଙ୍କ ମେଷଶାବକ ଭାବରେ ପ୍ରକାଶିତ ହେବେ । ସେ ଆସି ବାପ୍ତିଜିତ ହେବା ପରେ ପବିତ୍ର ଆତ୍ମା ତାହାଙ୍କ ଉପରେ ଅବତରଣ ଓ ଅବସ୍ଥାନ କରିବେ । ସେଥିରୁ ଯୋହନ ଜାଣିବେ ଯେ "ସେ ସେହି ବ୍ୟକ୍ତି ଅଟନ୍ତି" । ତେଣୁ ଏହା ଥିଲା ଯୀଶୁ ଜଳରେ ବାପ୍ତିଜିତ ହେବାର ପ୍ରଥମ କାରଣ । ଏହା ଯୋହନଙ୍କୁ ଚିହ୍ନସ୍ୱରୂପେ ଈଶ୍ୱର ଦେଇଥିଲେ, ଯେପରି କି ସେ ଏହାକୁ ସୂଚିତ କରନ୍ତି ଓ ଘୋଷଣା କରନ୍ତି ଯେ ଯୀଶୁ ଈଶ୍ୱରଙ୍କ ପୁତ୍ର ଅଟନ୍ତି ।

ଏହା ଥିଲା ଯୋହନଙ୍କ ଦୃଷ୍ଟିକୋଣ ।

ଏଥିରେ ବି ଆମେ ଦେଖୁ ଯେ ଜଳରେ ଡୁବି ବାପ୍ତିସ୍ମ ଗ୍ରହଣ କରିଥିଲେ । ଯର୍ଦ୍ଦନ ନଦୀରେ ଯୀଶୁ ବାପ୍ତିସ୍ମ ଗ୍ରହଣ କରିଥିଲେ । ଏଣୁ ଏହା ସ୍ପଷ୍ଟ ଯେ ଯୀଶୁ ଜଳରେ ବୁଡ଼ି ଡୁବନ ପାଇଥିଲେ । ମାଥିଉ ଏହାକୁ ସ୍ପଷ୍ଟରୂପେ ଉଲ୍ଲେଖ କରିଛନ୍ତି । *"ଯୀଶୁ ବାପ୍ତିଜିତ ହେଲାକ୍ଷଣି ଜଳରୁ ଉଠି ଆସିଲେ, ଆଉ ଦେଖ, ଆକାଶ ଉନ୍ମୁକ୍ତ ହେଲା, ପୁଣି ସେ ଈଶ୍ୱରଙ୍କ ଆତ୍ମାଙ୍କୁ କପୋତ ପରି ଅବତରଣ କରି ଆପଣା ଉପରକୁ ଆସିବା ଦେଖିଲେ"* ମାଥିଉ ୩:୧୬ ।

## ସମସ୍ତ ଧର୍ମକର୍ମ ପାଳନ

ଯୀଶୁଙ୍କ ଦୃଷ୍ଟିକୋଣରୁ ମଧ୍ୟ ଏହି ବିଷୟ ଦେଖିବା ଆବଶ୍ୟକ । ଯୀଶୁ କାହିଁକି ବାପ୍ତିଜିତ ହେବା ନିମନ୍ତେ ବାପ୍ତିଜକ ଯୋହନଙ୍କ ନିକଟକୁ ଗଲେ ? ଯଦିବା ଯୀଶୁ ଜାଣିଥିଲେ ଯେ ଯୋହନ ମନ ପରିବର୍ତ୍ତନର ବାପ୍ତିସ୍ମ ବିଷୟରେ ପ୍ରଚାର କରୁଛନ୍ତି, ଏବଂ ଯୀଶୁଙ୍କର ମନ ପରିବର୍ତ୍ତନ କରିବାର କୌଣସି ଆବଶ୍ୟକତା ନ ଥିଲା, ତେବେ ଯୀଶୁ କାହିଁକି ବାପ୍ତିସ୍ମ ନେବାକୁ ଚାହିଁଲେ ?

ସେ ଯେତେବେଳେ ଯର୍ଦ୍ଦନ ନଦୀକୁ ଯାଇ ବାପ୍ତିଜକ ଯୋହନଙ୍କୁ ଭେଟିଥିଲେ ତା'ପରେ କ'ଣ ହେଲା ଦେଖିବା ।

**ମାଥିଉ ୩:୧୩-୧୭**

**୧୩ ସେତେବେଳେ ଯୀଶୁ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହେବା ନିମନ୍ତେ ଗାଲିଲୀରୁ ଯର୍ଦ୍ଦନକୁ ଆସିଲେ ।**
**୧୪ କିନ୍ତୁ ଯୋହନ ତାହାଙ୍କୁ ନିବାରଣ କରିବାକୁ ଚେଷ୍ଟା କରିବାକୁ ଚେଷ୍ଟା କରି କହିଲେ, ଆପଣଙ୍କ**
**ଦ୍ୱାରା ବାପ୍ତିଜିତ ହେବା ମୋହର ପ୍ରୟୋଜନ, ଆଉ ଆପଣ ମୋ’ ନିକଟକୁ ଆସୁଅଛନ୍ତି ?**
**୧୫ ମାତ୍ର ଯୀଶୁ ତାଙ୍କୁ ଉତ୍ତର  ଦେଲେ, ଏବେ ସମ୍ମତ ହୁଅ, କାରଣ ଏହି ପ୍ରକାରେ ସମସ୍ତ ଧର୍ମକର୍ମ**
**ସାଧନ କରିବା ଆମ୍ଭମାନଙ୍କର ଉପଯୁକ୍ତ । ସେଥିରେ ସେ ତାହାଙ୍କ କଥାରେ ସମ୍ମତ ହେଲେ ।**
**୧୬ ଯୀଶୁ ବାପ୍ତିଜିତ ହେଲାକ୍ଷଣି ଜଳରୁ ଉଠି ଆସିଲେ, ଆଉ ଦେଖ, ଆକାଶ ଉନ୍ମୁକ୍ତ ହେଲା,**
**ପୁଣି ସେ ଈଶ୍ୱରଙ୍କ ଆତ୍ମାଙ୍କୁ କପୋତ ପରି ଅବତରଣ କରି ଆପଣା ଉପରକୁ ଆସିବା ଦେଖିଲେ ।**
**୧୭ ଆଉ ଦେଖ, ଆକାଶରୁ ଏହି ବାଣୀ ହେଲା, ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କଠାରେ ଆମ୍ଭର**
**ପରମ ସନ୍ତୋଷ ।**

ଯୀଶୁ ଯୋହନଙ୍କ ପାଖରେ ବାପ୍ତିଜିତ ହେବାପାଇଁ ପହଞ୍ଚିବା ପରେ ବାପ୍ତିଜକ ଯୋହନ ନିଶ୍ଚିତରୂପେ ଏକ ଅସାଧାରଣ ଅନୁଭୂତି ଲାଭ କରିଥିଲେ । ଯୀଶୁ ଆସୁଥିବା ଦେଖି ତତ୍‌କ୍ଷଣାତ୍ ସେ ଚିହ୍ନିପାରିଥିଲେ ଯେ ‘ଏ ସେହି ବ୍ୟକ୍ତି’ । ଏହା ଏକ ଅସାଧାରଣ ବିଷୟ ଥିଲା । ଯୋହନ ସେ ଯାଏଁ ଆତ୍ମାଙ୍କୁ କପୋତ ତୁଲ୍ୟ ଅବତରଣ କରିବା ଦେଖି ନ ଥିଲେ । ଆକାଶରୁ କୌଣସି ବାଣୀ ଶୁଣାଯାଇ ନ ଥିଲା । ତେବେ ସେ ବାପ୍ତିସ୍ମ ନେବାକୁ ଆସିଥିବା ଅନ୍ୟ ଜଣେ ସାଧାରଣ ବ୍ୟକ୍ତି ନୁହଁନ୍ତି ବୋଲି ଯୋହନ ଜାଣିଲେ । ସେ ଥିଲେ ଈଶ୍ୱରଙ୍କ ମେଷଶାବକ ଯେ କି ଯୋହନଙ୍କ ସେବାକାର୍ଯ୍ୟର ଏକମାତ୍ର କାରଣ ଅଟନ୍ତି । ଯୋହନ ଜାଣିପାରିଥିଲେ ଯେ ସେ ସେହି ବ୍ୟକ୍ତି ।

ତେଣୁ ଯୋହନ ଯୀଶୁଙ୍କୁ ବାପ୍ତିସ୍ମ ଦେବା ପାଇଁ କୁଣ୍ଠିତ ହେଲେ । କିନ୍ତୁ ଯୀଶୁ ବାପ୍ତିଜକ ଯୋହନଙ୍କୁ ଅନୁରୋଧ କଲେ ତାଙ୍କୁ ବାପ୍ତିସ୍ମ ଦେବା ପାଇଁ, ଯେପରି କି ସେମାନେ “ସମସ୍ତ ଧର୍ମକର୍ମ ପାଳନ କରିବେ”, ଯାହା ପିତା ଈଶ୍ୱରଙ୍କ ଦୃଷ୍ଟିରେ ଯଥାର୍ଥ ଥିଲା ତାହା କରିବେ ଏବଂ ସେହି ମୁହୂର୍ତ୍ତରେ ପିତା ଈଶ୍ୱର ଯାହା ଚାହୁଁଥିଲେ ତାହା କରିବେ ।

ପାପରୁ ମନ ପରିବର୍ତ୍ତନ ଅପେକ୍ଷା ଜଳରେ ବାପ୍ତିସ୍ମ ଗ୍ରହଣ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା । ତେଣୁକରି ଈଶ୍ୱରଙ୍କ ପୁତ୍ର, ଈଶ୍ୱରଙ୍କ ମେଷଶାବକ ସେ ଦିଗରେ ଆଗେଇ ଯାଇଥିଲେ । ଏହା ଥିଲା ଈଶ୍ୱରଙ୍କ ଇଚ୍ଛାର ଏକ ଅଭିବ୍ୟକ୍ତି ଯାହା ପୃଥିବୀରେ ପ୍ରକାଶିତ ହୋଇଥିଲା । ଯେଉଁମାନେ ଈଶ୍ୱରଙ୍କ ଇଚ୍ଛାକୁ “ହଁ” କହିବେ, ପୃଥିବୀରେ ପ୍ରକାଶିତ ଈଶ୍ୱରଙ୍କ ରାଜ୍ୟକୁ “ହଁ” କହିବେ, ସେମାନେ ସେମାନଙ୍କ “ହଁ”ର ଉତ୍ତରସ୍ୱରୂପେ ଜଳରେ ବାପ୍ତିସ୍ମ ଗ୍ରହଣ କରିବେ ।

ଯୀଶୁଙ୍କ ପରି, ଆପଣ ଯେତେବେଳେ ଜଳରେ ବାପ୍ତିସ୍ମ ଗ୍ରହଣ କରୁଛନ୍ତି ଆପଣ ମଧ୍ୟ ସମସ୍ତ ଧର୍ମକର୍ମ ପାଳନ କରୁଛନ୍ତି । ପିତାଙ୍କ ଦୃଷ୍ଟିରେ ଯାହା ଯଥାର୍ଥ ତାହା ଆପଣ ସାଧନ କରୁଛନ୍ତି । ଆପଣ ଈଶ୍ୱରଙ୍କ ଇଚ୍ଛା ପୂରଣ କରୁଛନ୍ତି । ଆପଣଙ୍କ ଜୀବନରେ ଥିବା ଈଶ୍ୱରଙ୍କ ଇଚ୍ଛା ପ୍ରତି ଆପଣ "ହଁ" କହୁଛନ୍ତି ଏବଂ ପୃଥିବୀରେ ଆପଣଙ୍କ ଦେଇ ପ୍ରକାଶିତ ହେଉଥିବା ଈଶ୍ୱରଙ୍କ ରାଜ୍ୟକୁ ଆପଣ ସମର୍ଥନ କରୁଛନ୍ତି ।

ଈଶ୍ୱରଙ୍କ ଇଚ୍ଛା ପ୍ରତି ଆମର ବାଧ୍ୟତାକୁ ସେ ପୁରସ୍କୃତ କରନ୍ତି । ଜଳରେ ବାପ୍ତିସ୍ମ ଗ୍ରହଣ କରି ଆପଣ ତାଙ୍କର ବାଧ୍ୟ ହେବା ଦ୍ୱାରା ଆପଣ ତାଙ୍କଠାରୁ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୁଅନ୍ତି । ଯେଉଁମାନେ ଯତ୍ନରେ ତାହାଙ୍କର ଅନ୍ୱେଷଣ କରନ୍ତି ଈଶ୍ୱର ସେମାନଙ୍କର ପୁରସ୍କାରଦାତା ଅଟନ୍ତି (ଏବ୍ରୀ ୧୧:୬) ।

## ଈଶ୍ୱରଙ୍କ ଇଚ୍ଛାକୁ ଅଗ୍ରାହ୍ୟ କରିବା

ବାପ୍ତିଜକ ଯୋହନ ଯେତେବେଳେ ମନ ପରିବର୍ତ୍ତନର ବାପ୍ତିସ୍ମ ବିଷୟରେ ପ୍ରଚାର କଲେ, ସାଧାରଣ ଲୋକମାନେ ତାଙ୍କ ବାକ୍ୟକୁ ଆନନ୍ଦରେ ଗ୍ରହଣ କଲେ । ତେବେ ଧର୍ମୀୟ ନେତାମାନେ, ପ୍ରଧାନ ଯାଜକ, ଫାରୁଶୀ, ବ୍ୟବସ୍ଥା ଶାସ୍ତ୍ରଜ୍ଞ ଓ ଶାସ୍ତ୍ରୀମାନେ ବାପ୍ତିଜକ ଯୋହନଙ୍କ ପ୍ରଚାରକୁ ଅଗ୍ରାହ୍ୟ କଲେ ।

ତେଣୁ ଯେତେବେଳେ ଯୀଶୁ ଏହି ଧର୍ମୀୟ ନେତାମାନଙ୍କୁ ଯୋହନଙ୍କ ବାପ୍ତିସ୍ମ ବିଷୟରେ ପଚାରିଲେ, ସେମାନେ ସେଥିର ଉତ୍ତର ଦେବାକୁ ରାଜି ହୋଇ ନ ଥିଲେ, କେବଳ କହିଥିଲେ, "ଆମେମାନେ ଜାଣି ନାହୁଁ" ।

**ମାର୍କ ୧୧:୩୦-୩୩**
**୩୦ ଯୋହନଙ୍କର ବାପ୍ତିସ୍ମ ସ୍ୱର୍ଗରୁ ନା ମନୁଷ୍ୟଠାରୁ ହେଲା ? ମୋତେ ଉତ୍ତର ଦିଅ ।**
**୩୧ ସେଥିରେ ସେମାନେ ପରସ୍ପର ତର୍କବିତର୍କ କରି କହିବାକୁ ଲାଗିଲେ, ଯଦି ସ୍ୱର୍ଗରୁ ବୋଲି କହିବୁ, ତାହାହେଲେ ସେ କହିବେ, ତେବେ ତୁମ୍ଭେମାନେ କାହିଁକି ତାଙ୍କୁ ବିଶ୍ୱାସ କଲ ନାହିଁ ?**
**୩୨ ଅବା ମନୁଷ୍ୟଠାରୁ ବୋଲି କଅଣ କହିବା ?- ସେମାନେ ଲୋକସମୂହକୁ ଭୟ କରୁଥିଲେ; କାରଣ ସମସ୍ତେ ଯୋହନଙ୍କୁ ପ୍ରକୃତରେ ଜଣେ ଭାବବାଦୀ ବୋଲି ମାନୁଥିଲେ ।**
**୩୩ ଏଣୁ ସେମାନେ ଯୀଶୁଙ୍କୁ ଉତ୍ତର ଦେଲେ, ଆମ୍ଭେମାନେ ଜାଣୁ ନାହୁଁ । ଯୀଶୁ ସେମାନଙ୍କୁ କହିଲେ, ତେବେ ମୁଁ କେଉଁ ଅଧିକାରରେ ଏସମସ୍ତ କରୁଅଛି, ତାହା ମୁଁ ମଧ୍ୟ ତୁମ୍ଭମାନଙ୍କୁ କହିବି ନାହିଁ ।**

କିନ୍ତୁ ସେମାନେ ଯୋହନଙ୍କ ସମ୍ବାଦକୁ ଗ୍ରହଣ ନ କରିବା ଦ୍ୱାରା, ଅର୍ଥାତ୍ ମନ ପରିବର୍ତ୍ତନର ବାପ୍ତିସ୍ମ ଗ୍ରହଣ କରିବା ପାଇଁ ତାଙ୍କର ଆହ୍ୱାନକୁ ଗ୍ରହଣ ନ କରିବା ଦ୍ୱାରା, ସେମାନେ ଈଶ୍ୱରଙ୍କ ଇଚ୍ଛାକୁ ଅଗ୍ରାହ୍ୟ କରିଦେଇଥିଲେ ।

**ଲୂକ ୭:୨୯-୩୦**
**୨୯ ଏହା ଶୁଣି ସମସ୍ତ ଲୋକ, ଏପରିକି କରଗ୍ରାହୀମାନେ ସୁଦ୍ଧା ଯୋହନଙ୍କ ବାପ୍ତିସ୍ମରେ ବାପ୍ତିଜିତ ହୋଇଥିବାରୁ ଈଶ୍ୱରଙ୍କୁ ଯଥାର୍ଥ ବୋଲି ସ୍ୱୀକାର କଲେ;**
**୩୦ କିନ୍ତୁ ଫାରୂଶୀମାନେ ଓ ବ୍ୟବସ୍ଥାଶାସ୍ତ୍ରଜ୍ଞମାନେ ତାଙ୍କ ଦ୍ୱାରା ବାପ୍ତିଜିତ ନ ହୋଇ ଆପଣା ଆପଣା ସମ୍ବନ୍ଧରେ ଈଶ୍ୱରଙ୍କ ସଙ୍କଳ୍ପ ଅଗ୍ରାହ୍ୟ କଲେ ।**

ଆଜି ଆମେ ଯେତେବେଳେ ମନ ପରିବର୍ତ୍ତନ କରି ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରୁ ଏବଂ ବାପ୍ତିସ୍ମ ଗ୍ରହଣ କରୁ ଆମେ ଈଶ୍ୱରଙ୍କ ଇଚ୍ଛା ସାଧନ କରିଥାଉ । ଆମ ପ୍ରତି ଥିବା ଈଶ୍ୱରଙ୍କ ଇଚ୍ଛାକୁ ଆମେ ଗ୍ରହଣ କରିଥାଉ । ଆମେମାନେ ସମସ୍ତ ଧର୍ମକର୍ମ ପାଳନ କରିଥାଉ, ଈଶ୍ୱରଙ୍କ ଦୃଷ୍ଟିରେ ଯାହା ଯଥାର୍ଥ ତାହା କରିଥାଉ । ଆମମାନଙ୍କ ଜୀବନ ପ୍ରତି ଥିବା ଈଶ୍ୱରଙ୍କ ଇଚ୍ଛାକୁ "ହଁ" କହିଥାଉ । ଆମ ମଧ୍ୟ ଦେଇ ଜଗତରେ ପ୍ରକାଶ ପାଉଥିବା ଈଶ୍ୱରଙ୍କ ରାଜ୍ୟକୁ ଆମେ "ହଁ" କହିଥାଉ ।

## ଅନୁଚିନ୍ତା

୧) ଯୀଶୁ କାହିଁକି ବାପ୍ତିଜକ ଯୋହନଙ୍କ ଦ୍ୱାରା ଜଳରେ ବାପ୍ତିସ୍ମ ଗ୍ରହଣ କରିବାକୁ ଯାଇଥିଲେ ?

୨) ଏହି ଅଧ୍ୟାୟରୁ ଆପଣ ଯାହା ଶିକ୍ଷା କଲେ, ତଦନୁସାରେ ଆପଣ ଜଳରେ ବାପ୍ତିସ୍ମ ଗ୍ରହଣ କରିବା ଦ୍ୱାରା କ'ଣ ପ୍ରକାଶ କରୁଛନ୍ତି ?

# ୩

# ଆପଣ ଯେ ତାଙ୍କର ଜଣେ ଶିଷ୍ୟ ଅଟନ୍ତି ତା'ର ଏକ ସାକ୍ଷ୍ୟ

## ଜଣେ ଶିଷ୍ୟ ହେବା ନିମନ୍ତେ ଆମନ୍ତ୍ରଣ

ଯୀଶୁଙ୍କର ପାର୍ଥିବ ସେବାକାର୍ଯ୍ୟ ସମୟରେ ବିଶାଳ ଜନତା ଆସି ତାଙ୍କର ଶିକ୍ଷା ଶୁଣୁଥିଲେ ଏବଂ ରୋଗରୁ ସୁସ୍ଥତା ପାଇବାକୁ ଓ ସେମାନଙ୍କର ଆବଶ୍ୟକତା ଅନୁସାରେ ଆଶ୍ଚର୍ଯ୍ୟକର୍ମ ଆଶା କରି ସେମାନେ ଆସୁଥିଲେ । ପ୍ରଭୁ ଯୀଶୁ ଲୋକମାନଙ୍କୁ ଆହ୍ୱାନ ଦେଉଥିଲେ ଯେ ସେମାନେ ତାଙ୍କ କଥା ଶୁଣିବା ଓ ଆଶ୍ଚର୍ଯ୍ୟକର୍ମସବୁ ଦେଖିବା ଯଥେଷ୍ଟ ନୁହେଁ, କିନ୍ତୁ ସେମାନେ ତାଙ୍କର ଶିଷ୍ୟ ହେବାକୁ ମନୋନୀତ କରିବା ଉଚିତ । ତାଙ୍କର ଶିଷ୍ୟ ହେବାର ଅର୍ଥ କ'ଣ ଓ ସେଥିପାଇଁ ସେମାନଙ୍କୁ କେଉଁ ମୂଲ୍ୟ ଦେବାକୁ ହେବ ସେ ବିଷୟରେ ସେ ସେମାନଙ୍କୁ ଶିକ୍ଷା ଦେଇଥିଲେ । ଏହା ସହଜ କଥା ନ ଥିଲା, କିନ୍ତୁ ଏହି ନିମନ୍ତ୍ରଣ ସମସ୍ତଙ୍କ ନିମନ୍ତେ ଉନ୍ମୁକ୍ତ ଥିଲା । ଯେ କୌଣସି ବ୍ୟକ୍ତି ଶିଷ୍ୟ ହେବାକୁ ମନୋନୀତ କରିପାରେ ।

ଜଣେ ତାଙ୍କର ଶିଷ୍ୟ ହେବାର ଅର୍ଥ କ'ଣ ସେ ବିଷୟରେ ଯୀଶୁ ଯାହା ଯାହା କହିଥିଲେ ସେଥିରୁ କେତୋଟି ନିମ୍ନରେ ଦିଆଯାଇଛି:

୧) ଆପଣା ଗୁରୁ ଓ କର୍ତ୍ତା, ଯୀଶୁଖ୍ରୀଷ୍ଟଙ୍କ ତୁଲ୍ୟ ହେବା ଶିଷ୍ୟମାନଙ୍କର ଲକ୍ଷ୍ୟ ହେବା ଉଚିତ (ମାଥିଉ ୧୦:୨୫) ।

୨) ଆପଣା କର୍ତ୍ତାଙ୍କ ପରି ତାଙ୍କ ଶିଷ୍ୟମାନେ ମଧ୍ୟ ପରିହାସ, ମିଥ୍ୟା ଅଭିଯୋଗ ଓ ତାଡ଼ନାର ସାମ୍ନା କରିବାକୁ ଇଚ୍ଛୁକ ରହିବା ଉଚିତ (ମାଥିଉ ୧୦:୨୫) ।

୩) ଶିଷ୍ୟମାନେ ସେମାନଙ୍କ କର୍ତ୍ତାଙ୍କଠାରୁ ଶ୍ରେଷ୍ଠ ବା ଉର୍ଦ୍ଧ୍ୱରେ ନୁହନ୍ତି । ଏହାର ଅର୍ଥ ଶିଷ୍ୟମାନେ ସେମାନଙ୍କ କର୍ତ୍ତାଙ୍କର ପଥରେ ହିଁ ଚାଲିବାକୁ ହେବ । ଶିଷ୍ୟଙ୍କ ପାଇଁ ଅନ୍ୟ କୌଣସି ସୁଗମ ମାର୍ଗ ନାହିଁ ।

୪) ଶିଷ୍ୟମାନେ ସିଦ୍ଧ ଓ ସମ୍ପୂର୍ଣ୍ଣରୂପେ ତାଲିମ ପ୍ରାପ୍ତ ହେଲେ ଆପଣା ଗୁରୁଙ୍କ ତୁଲ୍ୟ ହେବେ (ଲୂକ ୬:୪୦) ।

୫) ଶିଷ୍ୟମାନେ ସେମାନଙ୍କ କର୍ତ୍ତାଙ୍କ ବାକ୍ୟରେ ବିଶ୍ୱାସ କରିଥାନ୍ତି ଓ ତଦନୁସାରେ ଜୀବନ ଯାପନ କରିଥାନ୍ତି (ଯୋହନ ୮:୩୧) ।

୬) କର୍ତ୍ତାଙ୍କ ପ୍ରତି ଥିବା ତାଙ୍କ ଶିଷ୍ୟମାନଙ୍କ ପ୍ରେମ ଅନ୍ୟାନ୍ୟ ପାର୍ଥିବ ସମ୍ପର୍କସବୁ ପ୍ରତି ଥିବା ସେମାନଙ୍କ ପ୍ରେମ ଅପେକ୍ଷା ଶ୍ରେଷ୍ଠତର ହେବା ଆବଶ୍ୟକ (ଲୂକ ୧୪:୨୬) ।

୭) ଶିଷ୍ୟମାନେ ପ୍ରତିଦିନ ସେମାନଙ୍କର କ୍ରୁଶ ବହନ କରିବା ଆବଶ୍ୟକ (ଲୂକ ୧୪:୨୭) । କ୍ରୁଶ କହିଲେ ଦୁଃଖଭୋଗ କରିବା, ବିଚ୍ଛିନ୍ନ ହେବା ଓ ବଳିଦାନର ସ୍ଥାନକୁ ବୁଝାଏ ।

୮) ଶିଷ୍ୟମାନେ ସେମାନଙ୍କ କର୍ତ୍ତାଙ୍କ ନିମନ୍ତେ ସର୍ବସ୍ୱ ତ୍ୟାଗ କରିବାକୁ ହେବ (ଲୂକ ୧୪:୩୩) । ଏହାର ଅର୍ଥ କର୍ତ୍ତାଙ୍କ ପ୍ରତି ଶିଷ୍ୟମାନଙ୍କର ପ୍ରେମ ଜଗତର ଅନ୍ୟ ସମସ୍ତ ବିଷୟ ପ୍ରତି ଥିବା ସେମାନଙ୍କ ସ୍ନେହ ବା ପ୍ରେମଠାରୁ ଶ୍ରେଷ୍ଠତର ହେବା ଉଚିତ ।

୯) ଅନ୍ୟମାନେ ଆମକୁ ଯୀଶୁଙ୍କ ଶିଷ୍ୟ ବୋଲି ଜାଣିପାରିବେ, ଯଦି ଆମମାନଙ୍କ ଜୀବନରେ ପରସ୍ପର ପ୍ରତି ପ୍ରେମ ଥାଏ (ଯୋହନ ୧୩:୩୫) ।

୧୦) ଶିଷ୍ୟମାନେ ପ୍ରଚୁର ଫଳ ଫଳିଲେ ପିତା ସେମାନଙ୍କ ଜୀବନ ଦ୍ୱାରା ମହିମାନ୍ୱିତ ହୋଇଥାନ୍ତି (ଯୋହନ ୧୫:୮) ।

୧୧) ଯୀଶୁଙ୍କ ପରି ଶିଷ୍ୟମାନେ ଆରୋଗ୍ୟ, ଆଶ୍ଚର୍ଯ୍ୟକର୍ମ ଓ ଉଦ୍ଧାର କାର୍ଯ୍ୟ କରିବେ (ମାଥିଉ ୧୦:୧; ଯୋହନ ୧୪:୧୨)

## ଶିଷ୍ୟମାନଙ୍କୁ ଜଳରେ ବାପ୍ତିସ୍ମ ଦେବା

ଯୀଶୁଙ୍କର ପାର୍ଥିବ ସେବାକାର୍ଯ୍ୟ ସମୟରେ ତାଙ୍କର ଶିଷ୍ୟମାନେ ତାଙ୍କର ସୁସମାଚାର ଓ ସେବାକାର୍ଯ୍ୟକୁ ଗ୍ରହଣ କରି ତାଙ୍କର ଅନୁଗମନ କରିବାକୁ ଯେଉଁମାନେ ପ୍ରସ୍ତୁତ ଥିଲେ ସେମାନଙ୍କୁ ତାଙ୍କର ଶିଷ୍ୟମାନେ ଜଳରେ ବାପ୍ତିସ୍ମ ଦେଉଥିଲେ । ସେହି ଲୋକମାନଙ୍କର ନିଷ୍ପତ୍ତି ଗ୍ରହଣ ଏତେ ସହଜ ନ ଥିଲା, କାରଣ ଧର୍ମୀୟ ନେତାମାନେ ସେମାନଙ୍କୁ ଲକ୍ଷ୍ୟ

କରୁଥିଲେ ଏବଂ ଯୀଶୁଙ୍କ ଉପରେ, ତାଙ୍କର ଶିକ୍ଷା ଉପରେ ଓ ତାଙ୍କର ସେବାକାର୍ଯ୍ୟ ଉପରେ କ୍ରୋଧ ପ୍ରକାଶ କରୁଥିଲେ। ତଥାପି, ଲୋକମାନେ ଯୀଶୁଙ୍କ ନିକଟକୁ ଆସୁଥିଲେ ଏବଂ ତାଙ୍କ ଶିଷ୍ୟମାନେ ସେମାନଙ୍କୁ ଜଳରେ ବାପ୍ତିସ୍ମ ଦେଉଥିଲେ।

**ଯୋହନ ୩:୨୨**
**ଏଥିଉତ୍ତାରେ ଯୀଶୁ ଓ ତାହାଙ୍କ ଶିଷ୍ୟମାନେ ଯିହୂଦା ପ୍ରଦେଶକୁ ଗଲେ, ଆଉ ସେ ସେସ୍ଥାନରେ ସେମାନଙ୍କ ସହିତ ରହି ବାପ୍ତିସ୍ମ ଦେବାକୁ ଲାଗିଲେ।**

**ଯୋହନ ୪:୧-୩**
**୧ ଯୀଶୁ ଯେ ଯୋହନଙ୍କ ଅପେକ୍ଷା ଅଧିକ ଶିଷ୍ୟ କରୁଅଛନ୍ତି ଓ ବାପ୍ତିସ୍ମ ଦେଉଅଛନ୍ତି**
**୨ (ଯଦ୍ୟପି ଯୀଶୁ ଆପେ ବାପ୍ତିସ୍ମ ଦେଉ ନ ଥିଲେ, ମାତ୍ର ତାହାଙ୍କ ଶିଷ୍ୟମାନେ ଦେଉଥିଲେ), ଏହା ଫାରୂଶୀମାନେ ଶୁଣିଅଛନ୍ତି ବୋଲି ଯେତେବେଳେ ପ୍ରଭୁ ଜାଣିଲେ,**
**୩ ସେତେବେଳେ ସେ ଯିହୂଦା ପ୍ରଦେଶ ପରିତ୍ୟାଗ କରି ପୁନର୍ବାର ଗାଲିଲୀକି ପ୍ରସ୍ଥାନ କଲେ।**

ଯୀଶୁଙ୍କ ଦ୍ୱାରା ପ୍ରଚାରିତ ହେଉଥିବା ସମ୍ବାଦରେ ବିଶ୍ୱାସ କରି ତାଙ୍କର ଶିଷ୍ୟରୂପେ ତାଙ୍କର ଅନୁଗାମୀ ହେବା ପାଇଁ ନିଷ୍ପତ୍ତି ଗ୍ରହଣ କରୁଥିବା ଲୋକମାନଙ୍କୁ ଯୀଶୁଙ୍କର ୧୨ ଜଣ ଶିଷ୍ୟ ବାପ୍ତିସ୍ମ ଦେଉଥିଲେ, ତେଣୁ ସେମାନେ ବାପ୍ତିସ୍ମ ଦେବା ବିଷୟ ଜାଣିଥିଲେ। ଯୀଶୁଙ୍କ ପରି ଶିଷ୍ୟମାନେ ମଧ୍ୟ ବାପ୍ତିଜକ ଯୋହନଙ୍କ ଦ୍ୱାରା ଜଳରେ ବୁଡ଼ନ ପ୍ରକ୍ରିୟାରେ ବାପ୍ତିଜିତ ହୋଇଥିଲେ।

## ଜଳରେ ବାପ୍ତିସ୍ମ ଓ ମହାନ୍ ଆଦେଶ

ପ୍ରଭୁ ଯୀଶୁ ତାଙ୍କର ପୁନ୍‌ରୁତ୍‌ଥାନ ପରେ, ସ୍ୱର୍ଗାରୋହଣ ପୂର୍ବରୁ ଶିଷ୍ୟମାନଙ୍କୁ ଯେଉଁ ଆଦେଶ ଦେଇଥିଲେ ତାକୁ ଆମେ ସାଧାରଣତଃ "ମହାନ୍ ଆଦେଶ" କହିଥାଉ।

**ମାଥିଉ ୨୮:୧୯-୨୦**
**୧୯ ଅତଏବ, ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ରଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ,**
**୨୦ ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର; ଆଉ ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି।**

ଏହି ଆଦେଶରେ ସମସ୍ତ ଜାତିଗଣ ନିକଟକୁ ଯାଇ ଲୋକମାନଙ୍କୁ ଶିଷ୍ୟ କରିବା ପାଇଁ ପ୍ରଭୁ ଆଜ୍ଞା ଦେଇଛନ୍ତି। "ଶିଷ୍ୟ କରିବା"ର ଗ୍ରୀକ୍ ପ୍ରତିଶବ୍ଦ "matheteuo" ଯାହାର

ଅର୍ଥ "ଜଣେ ବିଦ୍ୟାର୍ଥୀ ହେବା", "ଜଣେ ଶିକ୍ଷାର୍ଥୀ ହେବା", "ଅନ୍ୟର ଶିକ୍ଷାର ଅନୁସରଣ କରିବା", ଅର୍ଥାତ୍ ଯେ ପ୍ରଭୁଙ୍କ ବାକ୍ୟ ଶିକ୍ଷା କରିବା, ଜାଣିବା ଓ ତହିଁରେ ତାଲିମ ଗ୍ରହଣ କରିବାକୁ ଇଚ୍ଛୁକ ଥାଏ ଯେପରି କି ସେ ତାହାଙ୍କ ସଦୃଶ ହୋଇପାରିବ । ଏହା ପ୍ରକାଶ କରେ ଚିନ୍ତା କରିବା ସଙ୍ଗେ ସଙ୍ଗେ ଚେଷ୍ଟା କରିବା ମଧ୍ୟ ଆବଶ୍ୟକ । ଯେପରି ଆମେ ଆଗରୁ ବି ଦେଖିଛୁ, ଜଣେ ଶିଷ୍ୟ ନିଷ୍ପତ୍ତି ନେଇଥାଏ ଯେ ସେ ଯୀଶୁଙ୍କ ପରି ହେବ ଓ ସେ ଯାହାସବୁ ଆଜ୍ଞାପ୍ରଦାନ କରିଛନ୍ତି ତାହା ପାଳନ କରିବ ।

ଶିଷ୍ୟଗଠନ କରିବାର ଏହି ଆଦେଶରେ ମଧ୍ୟ କୁହାଯାଇଛି ଯେ ଯେଉଁମାନେ ଶିଷ୍ୟହେବାକୁ ନିଷ୍ପତ୍ତି ନିଅନ୍ତି ସେମାନଙ୍କୁ ଜଳରେ ବାପ୍ତିସ୍ମ ଦେବାକୁ ହେବ । ସେମାନଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେବାକୁ ହେବ, ଯେପରି କି ସେମାନେ ବାଇବଲର ଈଶ୍ୱରଙ୍କ ସଙ୍ଗେ ଚିହ୍ନିତ ହେବେ ।

ଏଣୁ କରି ଜଳରେ ବାପ୍ତିସ୍ମ ଗହଣ କରିବା ଦ୍ୱାରା ଆପଣ ଏହି ସାକ୍ଷ୍ୟ ଦେଇଥାନ୍ତି ଯେ ଆପଣ ଯୀଶୁଖ୍ରୀଷ୍ଟଙ୍କର ଜଣେ ଶିଷ୍ୟ ହେବାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଆପଣ ଏହି ଯାତ୍ରାରେ ଶିକ୍ଷାଗ୍ରହଣ, ଓ ତାଲିମ ପାଇବାର ନିଷ୍ପତ୍ତି ନେଇଛନ୍ତି, ଯେପରି କି ଆପଣ ତାଙ୍କର ସାଦୃଶ୍ୟପ୍ରାପ୍ତ ହେବେ । ଆପଣ ନିଷ୍ପତ୍ତି ନେଇଛନ୍ତି ଯେ ଥଟ୍ଟା, ପରିହାସ, ତାଡ଼ନା, ଦୁଃଖକଷ୍ଟ, ତ୍ୟାଗସ୍ୱୀକାର, ଇତ୍ୟାଦି ରହିଥିବା ସତ୍ତ୍ୱେ ଆପଣ ଏହି ପ୍ରକ୍ରିୟା ଦେଇ ଯିବାକୁ ପ୍ରସ୍ତୁତ ଅଛନ୍ତି । ଜଣେ ଶିଷ୍ୟଭାବରେ ଯୀଶୁଖ୍ରୀଷ୍ଟଙ୍କର ଅନୁଗମନ କରିବାକୁ ଓ ପଛକୁ ଫେରି ନ ଯିବାକୁ ଆପଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

## ଶିଷ୍ୟମାନଙ୍କୁ ଶିଷ୍ୟମାନେ ଜଳରେ ବାପ୍ତିସ୍ମ ଦିଅନ୍ତି

ଯେତେବେଳେ ଜଣେ ବ୍ୟକ୍ତି ଯୀଶୁ ଖ୍ରୀଷ୍ଟଙ୍କର ଶିଷ୍ୟ ହେବାକୁ ନିଷ୍ପତ୍ତି ନିଏ ଓ ଜଳରେ ବାପ୍ତିଜିତ ହୁଏ, ସେ ଅନ୍ୟମାନଙ୍କୁ ଯୀଶୁଙ୍କ ବିଷୟରେ କହିପାରିବ, ଶିଷ୍ୟଗଠନ କରିପାରିବ ଓ ସେମାନଙ୍କୁ ଜଳରେ ବାପ୍ତିସ୍ମ ଦେଇପାରିବ । ଶିଷ୍ୟମାନେ ଯୀଶୁଙ୍କର ଶିଷ୍ୟ ହେବାକୁ ନିଷ୍ପତ୍ତି ଗ୍ରହଣ କରୁଥିବା ଲୋକମାନଙ୍କୁ ବାପ୍ତିସ୍ମ ଦେଇପାରିବେ । ଉଦାହରଣ ସ୍ୱରୂପ, ଫିଲିପ୍ପ ଯିରୁଶାଲମ ମଣ୍ଡଳୀର ଜଣେ ଦିକନ୍ (ସାହାଯ୍ୟକାରୀ) ଥିଲେ । ସେ ଶମିରୋଣରେ ଯାଇ ଯୀଶୁଙ୍କ ବିଷୟ ପ୍ରଚାର କଲେ ଓ ନୂତନ ବିଶ୍ୱାସୀମାନଙ୍କୁ ବାପ୍ତିସ୍ମ ଦେଲେ (ପ୍ରେରିତ ୮:୧୨) ।

ଫିଲିପ୍ସ ମଧ୍ୟ ଇଥିଓପିଆ ରାଣୀଙ୍କର ଅର୍ଥ ବିଭାଗର ଜଣେ ଅଫିସରଙ୍କୁ ବାପ୍ତିସ୍ମ ଦେଇଥିଲେ (ପ୍ରେରିତ ୮:୩୭-୩୮)। ଦମ୍ମେସକର ହନାନିୟ ନାମକ ଜଣେ ଶିଷ୍ୟ ଶାଉଲଙ୍କୁ ବାପ୍ତିସ୍ମ ଦେଇଥିଲେ, ଯେ ପରେ ପ୍ରେରିତ ପାଉଲ ନାମରେ ବିଖ୍ୟାତ ହୋଇଥିଲେ (ପ୍ରେରିତ ୯:୧୦,୧୮)।

## ଅନୁଚିନ୍ତା

୧) ଏହି ଅଧ୍ୟାୟରେ ଯୀଶୁଖ୍ରୀଷ୍ଟଙ୍କ ଜଣେ ଶିଷ୍ୟହେବାର ଅର୍ଥ କ'ଣ ସେ ସମ୍ବନ୍ଧରେ ୧୧ଟି ବିଶେଷ କଥା କୁହାଯାଇଛି। ଆପଣଙ୍କ ଜୀବନରେ ସେସବୁ କ'ଣ ମାନେ ରଖେ, ଚିନ୍ତା କରନ୍ତୁ।

୨) ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରି ତାଙ୍କର ଜଣେ ଶିଷ୍ୟ ଭାବେ ତାଙ୍କର ଅନୁଗମନ କରିବାକୁ ଆପଣ ନିଷ୍ପତ୍ତି ନେଇଛନ୍ତି କି?

## ୪

# ଯୀଶୁ ଖ୍ରୀଷ୍ଟଙ୍କଠାରେ ଥିବା ଆପଣଙ୍କ ବିଶ୍ୱାସର ଏକ ସାକ୍ଷ୍ୟ

ପ୍ରଭୁ ଯୀଶୁଙ୍କ ସ୍ୱର୍ଗାରୋହଣ ପରେ ୧୨୦ ଜଣ ଶିଷ୍ୟ ପେଣ୍ଟିକଷ୍ଟ ଦିନରେ ପବିତ୍ର ଆତ୍ମାଙ୍କ ଶକ୍ତି ପ୍ରାପ୍ତ ହୋଇଥିଲେ ଯାହା ପ୍ରେରିତ ୨ ପର୍ବରେ ବର୍ଣ୍ଣିତ ହୋଇଛି । ସେମାନେ ଯିରୁଶାଲମରୁ ଆରମ୍ଭ କରି ଅନ୍ୟାନ୍ୟ ନଗରରେ ଯୀଶୁଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କରିବା ଆରମ୍ଭ କଲେ ।

### ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାର

ପ୍ରଭୁ ଯୀଶୁଙ୍କ ସୁସମାଚାର କହିଲେ ଏହା ବୁଝାଏ ଯେ ପାପ ଓ ତା'ର ପରିଣାମ ସବୁରୁ ରକ୍ଷା କରିବା ପାଇଁ ଯୀଶୁ ଜଗତର ତ୍ରାଣକର୍ତ୍ତାରୂପେ ଆଗମନ କରିଥିଲେ । ଯୀଶୁ ଆମର ସ୍ଥାନ ନେଇ ଆମର ସମସ୍ତ ପାପର ଦଣ୍ଡ ଭୋଗ କଲେ ଓ ମୃତ୍ୟୁଭୋଗ କଲେ । ସେ ପାପ, ଶୟତାନ, ରୋଗବ୍ୟାଧିର ଶକ୍ତି ଚୂର୍ଣ୍ଣ କଲେ ଏବଂ ଆମକୁ ଅନ୍ଧକାରର ଶକ୍ତିରୁ ମୁକ୍ତ କଲେ ଓ ଆମକୁ ପରିତ୍ରାଣରୂପ ଦାନ ମାଗଣାରେ ଦେଲେ । ସେ କ୍ରୁଶରେ ମୃତ୍ୟୁଭୋଗ କଲେ, ସମାଧିସ୍ଥ ହେଲେ, ତୃତୀୟ ଦିବସରେ ଉତ୍‌ଥିତ ହେଲେ ଏବଂ ପ୍ରାୟ ୫୦୦ ଲୋକଙ୍କ ନିକଟରେ ନିଜକୁ ଜୀବିତ ଦେଖାଇଲେ, ଏବଂ ଏହା ପରେ ସେ ସ୍ୱର୍ଗାରୋହଣ କଲେ । ମନ ପରିବର୍ତ୍ତନ କରି ଓ ତାହାଙ୍କଠାରେ ବିଶ୍ୱାସ କରି ଯେ କୌଣସି ବ୍ୟକ୍ତି ଯୀଶୁ ଖ୍ରୀଷ୍ଟ ଦେଉଥିବା ପରିତ୍ରାଣରୂପ ଦାନ ବିନାମୂଲ୍ୟରେ ଗ୍ରହଣ କରିପାରିବ । ଯେତେବେଳେ ଆମେ ଯୀଶୁଙ୍କୁ ପ୍ରଭୁ ଓ ତ୍ରାଣକର୍ତ୍ତାରୂପେ ଗ୍ରହଣ କରୁ ଆମେ ପୁନର୍ଜନ୍ମ ପ୍ରାପ୍ତ ହେଉ, ଈଶ୍ୱରଙ୍କ ସନ୍ତାନ ହେବାର ଅଧିକାର ପାଉ, ଅନ୍ଧକାରରୁ ତାହାଙ୍କର ଗୌରବମୟ ରାଜ୍ୟମଧ୍ୟକୁ ଅଣାଯାଉ, ଏବଂ ଅନେକ କିଛି ଆଶୀର୍ବାଦ ଲାଭ କରୁ । ଏହା ହିଁ ସୁସମାଚାର । ଆମ ନିମନ୍ତେ ଧର୍ମ ଏହା ସାଧନ କରି ପାରିବ ନାହିଁ । ଆମର ଧର୍ମକର୍ମ, ସତ୍କର୍ମ ବା ଧର୍ମୀୟ ପ୍ରଚେଷ୍ଟା ଦ୍ୱାରା ଏହା ଆମେ ପାଇପାରିବା ନାହିଁ । ଏହା ବିନାମୂଲ୍ୟରେ ଦିଆଯାଉଥିବା ଏକ ଦାନ ଯାହା ବିଶ୍ୱାସ ଦ୍ୱାରା ମିଳିଥାଏ ।

**ଆପଣ ଯଦି ଯୀଶୁଙ୍କଠାରେ ବିଶ୍ୱାସ କରନ୍ତି, ଆସନ୍ତୁ ଓ ବାପ୍ତିଜିତ ହୁଅନ୍ତୁ ।**

ପ୍ରେରିତ ପୁସ୍ତକର ବିବରଣରେ ଆମେ ଦେଖୁ ଯେ ଯେତେବେଳେ ଯୀଶୁଙ୍କର ସୁସମାଚାର ପ୍ରଚାର କରାଗଲା, ଲୋକମାନଙ୍କୁ ଆମନ୍ତ୍ରଣ କରାଗଲା ଯେପରି କି ସେମାନେ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରନ୍ତି । ସେତେବେଳେ ଯେଉଁମାନେ ବିଶ୍ୱାସ କଲେ ସେମାନଙ୍କୁ ଆମନ୍ତ୍ରିତ କରାଗଲା ଯେ ସେମାନେ ଯୀଶୁ ଖ୍ରୀଷ୍ଟଙ୍କଠାରେ ସେମାନଙ୍କର ବିଶ୍ୱାସକୁ ସର୍ବସମକ୍ଷରେ ଘୋଷଣା କରିବା ବା ପ୍ରକାଶ୍ୟରେ ସାକ୍ଷ୍ୟ ଦେବା ପାଇଁ ଜଳରେ ବାପ୍ତିସ୍ମ ଗ୍ରହଣ କରନ୍ତୁ ।

ପ୍ରେରିତ ପୁସ୍ତକରେ ଜଳରେ ବାପ୍ତିସ୍ମ ଗ୍ରହଣ କରିଥିବାର ନିମ୍ନଲିଖିତ ଘଟଣାମାନ ଲିପିବଦ୍ଧ ହୋଇଛି-

୧) ପେଣ୍ଟିକଷ୍ଟ ଦିବସରେ ବିଶ୍ୱାସକାରୀମାନେ (ପ୍ରେରିତ ୨:୩୮-୪୧)

୨) ଶମିରୋଣୀୟ ନଗରର ବିଶ୍ୱାସକାରୀମାନେ (ପ୍ରେରିତ ୮:୧୨-୧୩)

୩) ଶାଉଲ (ପରେ ସେ ପାଉଲ ନାମରେ ଖ୍ୟାତ ହୋଇଥିଲେ) (ପ୍ରେରିତ ୯:୧୭-୧୮; ୨୨:୧୬)

୪) କର୍ଣ୍ଣିଲୀୟଙ୍କ ପରିବାରରେ ଏକତ୍ରିତ ହୋଇଥିବା ବିଶ୍ୱାସକାରୀମାନେ (ପ୍ରେରିତ ୧୦:୪୭-୪୮)

୫) ଫିଲିପ୍ପୀର ବିଶ୍ୱାସକାରୀମାନେ (ପ୍ରେରିତ ୧୬:୧୪-୧୫, ୩୧-୩୪)

୬) କରିନ୍ଥର ବିଶ୍ୱାସକାରୀମାନେ (ପ୍ରେରିତ ୧୮:୭-୮)

୭) ଏଫିସର ବିଶ୍ୱାସକାରୀମାନେ (ପ୍ରେରିତ ୧୯:୧-୫)

**ଏକ ପ୍ରକାଶ୍ୟ ସ୍ୱୀକାର**

ଆଦ୍ୟ ମଣ୍ଡଳୀରେ, ଜଳରେ ବାପ୍ତିସ୍ମ ଗ୍ରହଣ କରିବାର ନିଷ୍ପତ୍ତି ସହଜ ନ ଥିଲା । ଯୀଶୁ ଖ୍ରୀଷ୍ଟଙ୍କଠାରେ ସେମାନଙ୍କର ବିଶ୍ୱାସ ଯୋଗୁଁ ସେମାନେ ତାଡ଼ନାପ୍ରାପ୍ତ ହେଉଥିଲେ । ତଥାପି ସେମାନେ ବିଶ୍ୱାସରେ ଦୃଢ଼ଭାବରେ ଠିଆ ହେଉଥିଲେ, କାରଣ ସେମାନେ ଜାଣୁଥିଲେ କାହାଠାରେ ସେମାନେ ବିଶ୍ୱାସ ସ୍ଥାପନ କରିଛନ୍ତି ।

ପ୍ରଭୁ ଯୀଶୁ ପ୍ରତିଜ୍ଞା କରିଛନ୍ତି ଯେ ଯଦି ଆମେ ପୃଥିବୀରେ ଲୋକଙ୍କ ସାକ୍ଷାତରେ ତାହାଙ୍କୁ ସ୍ୱୀକାର କରିବା, ସେ ପିତାଙ୍କ ସାକ୍ଷାତରେ ଆମକୁ ସ୍ୱୀକାର କରିବେ ଓ କହିବେ ଯେ ଆମେ ତାହାଙ୍କର ଲୋକ ଅଟୁ ।

**ମାଥିଉ ୧୦:୩୨-୩୩**

**୩୨ ଆଉ, ଯେ କେହି ଲୋକଙ୍କ ସାକ୍ଷାତରେ ମୋତେ ସ୍ୱୀକାର କରିବ, ମୁଁ ମଧ୍ୟ ମୋହର ସ୍ୱର୍ଗସ୍ଥ ପିତାଙ୍କ ସାକ୍ଷାତରେ ତାହାକୁ ସ୍ୱୀକାର କରିବି ।**
**୩୩ ମାତ୍ର ଯେ କେହି ଲୋକଙ୍କ ସାକ୍ଷାତରେ ମୋତେ ଅସ୍ୱୀକାର କରିବ, ମୁଁ ମଧ୍ୟ ମୋହର ସ୍ୱର୍ଗସ୍ଥ ପିତାଙ୍କ ସାକ୍ଷାତରେ ତାହାକୁ ଅସ୍ୱୀକାର କରିବି ।**

ଜଳରେ ବାପ୍ତିସ୍ମ ଗ୍ରହଣ ଦ୍ୱାରା ଆପଣ ଯୀଶୁଖ୍ରୀଷ୍ଟଙ୍କଠାରେ ଥିବା ଆପଣଙ୍କ ବିଶ୍ୱାସକୁ ସର୍ବସାକ୍ଷାତରେ ବା ପ୍ରକାଶ୍ୟରେ ସ୍ୱୀକାର କରି ପ୍ରକାଶ କରୁଛନ୍ତି ଯେ ସେ ଆପଣଙ୍କ ଜୀବନର ତ୍ରାଣକର୍ତ୍ତା ଓ ପ୍ରଭୁ ଅଟନ୍ତି । ଆପଣ ଲୋକଙ୍କ ଆଗରେ ସ୍ୱୀକାର କରୁଛନ୍ତି, ସାକ୍ଷ୍ୟ ଦେଉଛନ୍ତି ଓ ଘୋଷଣା କରୁଛନ୍ତି ଯେ ପାପରୁ ରକ୍ଷା କରିବା ପାଇଁ ଯୀଶୁ ଖ୍ରୀଷ୍ଟଙ୍କଠାରେ ଆପଣ ବିଶ୍ୱାସ କରନ୍ତି ଏବଂ ତାହାଙ୍କଠାରୁ ପରିତ୍ରାଣରୂପ ଦାନ ବିନାମୂଲ୍ୟରେ ଗ୍ରହଣ କରିଛନ୍ତି ।

## ପ୍ରଭୁଯୀଶୁଙ୍କ ନାମରେ ବାପ୍ତିଜିତ

ପ୍ରେରିତ ପୁସ୍ତକର ବିବରଣରେ ଆମେ ପଢୁ ଯେ ଲୋକମାନେ ଯୀଶୁଙ୍କ ନାମରେ ବାପ୍ତିଜିତ ହୋଇଥିଲେ । ନିମ୍ନ ଶାସ୍ତ୍ରାଂଶଗୁଡ଼ିକ ପାଠ କରନ୍ତୁ:

ପ୍ରେରିତ ୨:୩୮

**ତେଣୁ ପିତର ସେମାନଙ୍କୁ କହିଲେ, ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜର ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ; ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।**

ପ୍ରେରିତ ୮:୧୬

**କାରଣ ଏପର୍ଯ୍ୟନ୍ତ ସେ ସେମାନଙ୍କ ମଧ୍ୟରୁ କାହାରି ଉପରେ ଅବତୀର୍ଣ୍ଣ ହୋଇ ନ ଥିଲେ, କେବଳ ସେମାନେ ପ୍ରଭୁ ଯୀଶୁଙ୍କ ନାମରେ ବାପ୍ତିଜିତ ହୋଇଥିଲେ ।**

ପ୍ରେରିତ ୧୦:୪୮

**ପୁଣି, ସେ ସେମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିସ୍ମ ଦେବା ନିମନ୍ତେ ଆଦେଶ ଦେଲେ । ପରେ ସେମାନେ କିଛି ଦିନ ରହିବା ପାଇଁ ତାଙ୍କୁ ଅନୁରୋଧ କଲେ ।**

**ପ୍ରେରିତ ୧୯ :୫**

**ସେମାନେ ଏହା ଶୁଣି ପ୍ରଭୁ ଯୀଶୁଙ୍କ ନାମରେ ବାପ୍ତିଜିତ ହେଲେ,**

ଆପଣ ଯେତେବେଳେ ପ୍ରଭୁ ଯୀଶୁଙ୍କ ନାମରେ ବାପ୍ତିସ୍ମ ଗ୍ରହଣ କରୁଛନ୍ତି ଆପଣ ତାହାଙ୍କ ସଙ୍ଗେ ଚିହ୍ନିତ ହେଉଛନ୍ତି । ଆପଣ ପ୍ରକାଶ୍ୟରେ ଯୀଶୁଙ୍କ ସଙ୍ଗେ ଚିହ୍ନିତ ହେଉଛନ୍ତି । ଏହାର ମଧ୍ୟ ଆତ୍ମିକ ମହତ୍ତ୍ୱ ରହିଛି, ଯାହା ଆମେ ପରବର୍ତ୍ତୀ ଅଧ୍ୟାୟରେ ଆଲୋଚନା କରିବା ।

"ଯୀଶୁଙ୍କ ନାମରେ" ବୋଲି କହିବା ଦ୍ୱାରା ଏହା ପ୍ରକାଶିତ ହୁଏ ଯେ ଆପଣ କାହାର ଅଧିକାରରେ ବା କାହାର ପ୍ରତିନିଧି ଭାବରେ ଏହା କରୁଛନ୍ତି । ତେଣୁ ଯଦି କେହି "ଯୀଶୁଙ୍କ ନାମରେ" ବାପ୍ତିସ୍ମ ଦେଉଛି ତେବେ ଏହା ସୂଚାଏ ଯେ ଯୀଶୁ ତାଙ୍କର ମହାନ୍ ଆଦେଶରେ ନୂତନ ଶିଷ୍ୟମାନଙ୍କୁ ଜଳରେ ବାପ୍ତିସ୍ମ ଦେବାପାଇଁ ଯେଉଁ ଅଧିକାର (ପୂର୍ବ ଅଧ୍ୟାୟ ଦେଖନ୍ତୁ) ଆମକୁ ଦେଇଛନ୍ତି ତାହା ହିଁ ଆମେ ଉପଯୋଗ କରୁଛୁ । ତାହାଙ୍କ ନାମରେ, ତାହାଙ୍କ ପକ୍ଷରୁ, ତାଙ୍କର ପ୍ରତିନିଧି ଭାବରେ, ସମ୍ପୂର୍ଣ୍ଣ କ୍ଷମତା ପ୍ରାପ୍ତ ହୋଇ ଏବଂ ତାଙ୍କ ଦ୍ୱାରା ସଶକ୍ତିକରଣ କରାଯାଇ ଆମେ ଏହା କରୁଛୁ ।

ତେଣୁ, ବାପ୍ତିସ୍ମ ଦେବାବେଳେ ଆମେ କହିଥାଉ: "ଯୀଶୁଙ୍କ ନାମରେ, ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ, ମୁଁ ତୁମକୁ ବାପ୍ତିସ୍ମ ଦେଉଛି" । ଏହାର ଅର୍ଥ ଯୀଶୁ ଖ୍ରୀଷ୍ଟ ଆମକୁ ଯେଉଁ ଅଧିକାର ଦେଇଛନ୍ତି ତା'ର ଉପଯୋଗ କରି ଆମେ ସେହି ବ୍ୟକ୍ତିକୁ ବାପ୍ତିସ୍ମ ଦେଉଛୁ । ସେ ମଧ୍ୟ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ବାଇବଲର ଈଶ୍ୱରଙ୍କ ସଙ୍ଗେ ନିଜକୁ ଚିହ୍ନିତ କରୁଛି ।

## ଅନୁଚିନ୍ତା

୧) ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାରକୁ (ବା ଗସ୍‌ପେଲ୍) ଆପଣ ବୁଝିଛନ୍ତି କି ଓ ସମ୍ପୂର୍ଣ୍ଣରୂପେ ବିଶ୍ୱାସ କରନ୍ତି କି ?

୨) ଯୀଶୁ ଖ୍ରୀଷ୍ଟଙ୍କୁ ନିଜର ତ୍ରାଣକର୍ତ୍ତା ଓ ପ୍ରଭୁ ଭାବରେ ସର୍ବସାକ୍ଷାତରେ ସ୍ୱୀକାର କରିବା ପାଇଁ ଆପଣ ପ୍ରସ୍ତୁତ ଅଟନ୍ତି କି ?

## ୫

# ଯୀଶୁଙ୍କ ସଙ୍ଗେ ଆପଣ ଚିହ୍ନିତ ଅଟନ୍ତି ବୋଲି ଏକ ଘୋଷଣା

ପ୍ରଭୁ ଯୀଶୁ ମଣ୍ଡଳୀ ନିମନ୍ତେ ଦୁଇଟି ବିଧି ସ୍ଥାପନ କରିଛନ୍ତି: ଜଳରେ ବାପ୍ତିସ୍ମ ଓ ପ୍ରଭୁ ଭୋଜ । ଯୀଶୁ ଖ୍ରୀଷ୍ଟ ତାହାଙ୍କ ମୃତ୍ୟୁ ଓ ପୁନରୁତ୍‌ଥାନ ଦ୍ୱାରା ଆମ ସମସ୍ତଙ୍କ ନିମନ୍ତେ ଯାହା ସାଧନ କରିଛନ୍ତି ତାହା ଆମେ ଏହି ଦୁଇ ବିଧି ମାଧ୍ୟମରେ ଶକ୍ତିଯୁକ୍ତରୂପେ ଘୋଷଣା କରିଥାଉ । ପ୍ରଭୁଙ୍କ ନିର୍ଦ୍ଦେଶରେ ପ୍ରେରିତ ପାଉଲ କରିନ୍ଥୀୟ ମଣ୍ଡଳୀକୁ ଲେଖନ୍ତି- *"କାରଣ ଯେତେଥର ତୁମ୍ଭେମାନେ ଏହି ରୋଟୀ ଭୋଜନ କର ଓ ଏହି ପାନପାତ୍ରରୁ ପାନ କର, ସେତେଥର ତୁମ୍ଭେମାନେ ପ୍ରଭୁଙ୍କ ଆଗମନ ପର୍ଯ୍ୟନ୍ତ ତାହାଙ୍କ ମୃତ୍ୟୁ ପ୍ରଚାର କରୁଅଛ"* (୧କରିନ୍ଥୀୟ ୧୧:୨୬) । ତେଣୁ ଆମେ ଯେତେବେଳେ ପ୍ରଭୁଙ୍କ ମେଜରେ ଅଂଶୀ ହେଉ, ଆମେ ଯୀଶୁ ଖ୍ରୀଷ୍ଟଙ୍କର କ୍ରୁଶରେ ସାଧିତ କର୍ମରେ ଓ ତାଙ୍କର ପୁନରାଗମନରେ ବିଶ୍ୱାସ କରୁ ବୋଲି ଘୋଷଣା, ସ୍ୱୀକାର ଓ ପ୍ରଚାର କରୁଅଛୁ ।

ସେହିପରି, ଜଳରେ ବାପ୍ତିସ୍ମ ଗ୍ରହଣ ମଧ୍ୟ ଯୀଶୁଙ୍କ ସଙ୍ଗେ ଆମେ ଚିହ୍ନିତ ଅଟୁ ବୋଲି ଏକ ଘୋଷଣା ଅଟେ । ଯୀଶୁଖ୍ରୀଷ୍ଟ କ୍ରୁଶରେ ଯାହା ସାଧନ କଲେ, ତଦ୍ଦ୍ୱାରା ଆମ ପ୍ରତି କ'ଣ ଘଟିଲା ତାହା ଆମେ ଦୃଶ୍ୟ ଓ ଅଦୃଶ୍ୟ ଜଗତ ଆଗରେ ଘୋଷଣା ବା ପ୍ରଚାର କରୁଛୁ । ଏହା ଆମଠାରେ ଏକ ଆତ୍ମିକ ବାସ୍ତବତା ଅଟେ । ଏହା ଆମ ମଧ୍ୟରେ ଘଟିଯାଇଛି । ଆମ ଆତ୍ମାରେ ଯାହା ଘଟିସାରିଛି ଜଳରେ ବାପ୍ତିସ୍ମ ତା'ର ଏକ ପ୍ରତୀକାତ୍ମକ ଅଭିବ୍ୟକ୍ତି ଓ ଶକ୍ତିଶାଳୀ ଘୋଷଣା ଅଟେ ।

ଏ ସମ୍ପର୍କରେ ପ୍ରେରିତ ପାଉଲ କହନ୍ତି:

**ରୋମୀୟ ୬:୩-୪**

**୩ ଆମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟ ଯୀଶୁଙ୍କଠାରେ ବାପ୍ତିଜିତ ହୋଇଅଛୁ, ସମସ୍ତେ ଯେ ତାହାଙ୍କ ମରଣରେ ବାପ୍ତିଜିତ ହୋଇଅଛୁ, ଏହା କି ତୁମ୍ଭେମାନେ ଜାଣ ନାହିଁ ?**

**୪ ଅତଏବ, ଆମ୍ଭେମାନେ ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ ସହିତ ସମାଧିପ୍ରାପ୍ତ ହୋଇଅଛୁ, ଯେପରି ଖ୍ରୀଷ୍ଟ ପିତାଙ୍କ ଗୌରବ ଦ୍ୱାରା ମୃତୁମାନଙ୍କ ମଧ୍ୟରୁ ଯେଉଁପ୍ରକାରେ ଉତ୍‌ଥାପିତ ହେଲେ, ଆମ୍ଭେମାନେ ମଧ୍ୟ ସେହି ପ୍ରକାରେ ଜୀବନର ନୂତନ ଭାବରେ ଆଚରଣ କରୁ;**

**କଲସୀୟ ୨:୧୨**

**ତୁମ୍ଭେମାନେ ବାପ୍ତିସ୍ମରେ ତାହାଙ୍କ ସହିତ ସମାଧି ପ୍ରାପ୍ତ ହୋଇ, ଯେଉଁ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଲେ, ତାହାଙ୍କ କାର୍ଯ୍ୟସାଧକ ଶକ୍ତିରେ ବିଶ୍ୱାସ କରି ଖ୍ରୀଷ୍ଟଙ୍କ ସହିତ ମଧ୍ୟ ଉତ୍‌ଥାପିତ ହୋଇଅଛ ।**

ପୁନର୍ଜନ୍ମ ପାଇଲେ ଈଶ୍ୱର ଆମକୁ ଖ୍ରୀଷ୍ଟଙ୍କଠାରେ ସଂଯୁକ୍ତ କରନ୍ତି (୧କରିନ୍ଥୀୟ ୧:୩୦) । ଆମେ ପ୍ରଭୁଙ୍କ ସଙ୍ଗେ ସଂଯୁକ୍ତ ହେଉ, ଆତ୍ମାରେ ତାଙ୍କ ସଙ୍ଗେ ଏକ ହେଉ (୧କରିନ୍ଥୀୟ ୬:୧୭) । ପବିତ୍ର ଆତ୍ମା ଆମକୁ ଖ୍ରୀଷ୍ଟଙ୍କଠାରେ ରଖନ୍ତି (୧କରିନ୍ଥୀୟ ୧୨:୧୩) । ଆତ୍ମିକ ଭାବରେ ଆମେ ଖ୍ରୀଷ୍ଟଙ୍କଠାରେ ଅଛୁ । କେବଳ ସେତିକି ନୁହେଁ, ଯେହେତୁ ଆମେ ତାହାଙ୍କଠାରେ ଅଛୁ, ଆମେମାନେ ତାହାଙ୍କ ମୃତ୍ୟୁ (କ୍ରୁଶୀୟ), ସମାଧି, ପୁନ୍‌ରୁତ୍‌ଥାନ, ସ୍ୱର୍ଗାରୋହଣ ଓ ସ୍ୱର୍ଗରେ ଉପବେଶନରେ ମଧ୍ୟ ତାହାଙ୍କ ସଙ୍ଗେ ଚିହ୍ନିତ ହୋଇଛୁ । ଏହାକୁ ଚିହ୍ନଟ (identification) କୁହଯାଏ ।

**ତାହାଙ୍କ କ୍ରୁଶୀୟ ମୃତ୍ୟୁରେ ଚିହ୍ନିତ:** ଖ୍ରୀଷ୍ଟ ଯେତେବେଳେ ମୃତ୍ୟୁଭୋଗ କଲେ ଆମେ ମଧ୍ୟ ତାଙ୍କ ସଙ୍ଗେ ମୃତ୍ୟୁଭୋଗ କରିଥିଲୁ । ଆମର ପୁରାତନ ପାପପୂର୍ଣ୍ଣ ସ୍ୱଭାବ ବା "ପୁରାତନ ପୁରୁଷ" ତାହାଙ୍କ ସଙ୍ଗେ କ୍ରୁଶରେ ହତ ହୋଇଥିଲା (ରୋମୀୟ ୬:୬) । ଆମଠାରେ ଆଉ ପାପର ପୁରାତନ ସ୍ୱଭାବ ଆଉ ନାହିଁ । ବର୍ତ୍ତମାନ ଆମେ ଐଶରିକ ସ୍ୱଭାବର ସହଭାଗୀ ହୋଇଛୁ (୨ପିତର ୧:୪) । ଆମ ଜୀବନ ଉପରେ ପାପର ଯେଉଁ ଶକ୍ତି ଥିଲା ତାହାକୁ ଭାଙ୍ଗିଦିଆଯାଇଛି ଏବଂ ଆମେ ପାପର କର୍ତ୍ତୃତ୍ୱରେ ଆଉ ନାହୁଁ (ରୋମୀୟ ୬:୧୪) ।

**ତାହାଙ୍କ ସମାଧିରେ ଚିହ୍ନିତ:** ଯେତେବେଳେ ଖ୍ରୀଷ୍ଟ ସମାଧିସ୍ଥ ହେଲେ, ଆମେ ମଧ୍ୟ ସମାଧିସ୍ଥ ହେଲୁ । ଏହାର ଅର୍ଥ ଆମେ ଆମର ପୁରାତନ ଜୀବନରୁ ପୃଥକୀକୃତ ହେଲୁ । ପୁରାତନ ବିଷୟସବୁ ଲୋପ ପାଇଲା । ନୂତନ ବିଷୟସବୁ ଆସିଲା । ଆମେ ନୂତନ ସୃଷ୍ଟି ହୋଇଛୁ ଏବଂ ପୁରାତନ ସ୍ୱଭାବର ଆମ ଉପରେ ଆଉ ଦାବି ନାହିଁ ବା ଆମ ସଙ୍ଗେ ତା'ର ଆଉ ସମ୍ପର୍କ ନାହିଁ (୨କରିନ୍ଥୀୟ ୫:୧୭) ।

**ତାହାଙ୍କ ପୁନ୍‌ରୁତ୍‌ଥାନରେ ଚିହ୍ନିତ:** ଖ୍ରୀଷ୍ଟ ଯେତେବେଳେ ପୁନ୍‌ରୁତ୍‌ଥିତ ହେଲେ, ଆମେ ମଧ୍ୟ ତାହାଙ୍କ ସଙ୍ଗେ ଉତ୍‌ଥାପିତ ହେଲୁ (ଏଫିସୀୟ ୨:୫)। ଏହାର ଅର୍ଥ ଆମେ ମୃତ୍ୟୁରୁ ଜୀବନକୁ ଅଣାଯାଇଛୁ, ଶୟତାନର ଶକ୍ତିରୁ ମୁକ୍ତ କରାଯାଇ ଈଶ୍ୱରଙ୍କ ନିକଟକୁ ଅଣାଯାଇଛୁ (କଲସୀୟ ୧:୧୩)। ବର୍ତ୍ତମାନ ଆମେ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ଈଶ୍ୱରଙ୍କ ରାଜ୍ୟରେ ଚାଲୁଅଛୁ। ଆମର ଜୀବନ ଯାପନ ନୂତନ ମାର୍ଗରେ ପରିଚାଳିତ ହେଉଛି। ଆମ ଉପରେ ଆଉ ଅନ୍ଧକାରର ଶକ୍ତିର କର୍ତ୍ତୃତ୍ୱ ନାହିଁ।

**ତାହାଙ୍କ ସ୍ୱର୍ଗାରୋହଣରେ ତାଙ୍କ ସଙ୍ଗେ ଚିହ୍ନିତ:** ଖ୍ରୀଷ୍ଟ ସ୍ୱର୍ଗାରୋହଣ କରିବା ବେଳେ, ଆମେ ମଧ୍ୟ ତାଙ୍କ ସଙ୍ଗେ ସ୍ୱର୍ଗାରୋହଣ କଲୁ (ଏଫିସୀୟ ୨:୬; କଲସୀୟ ୩:୧-୩)। ତେଣୁ ଆମେ ଉର୍ଦ୍ଧ୍ୱସ୍ଥାନର ବିଷୟସବୁ ପ୍ରତି ଆସକ୍ତ ଅଟୁ। ଆମେ ଏକ ନୂତନୀକୃତ ମନ ନେଇ ଜୀବନ ଯାପନ କରୁଛୁ ଓ ସ୍ୱର୍ଗୀୟ ଦୃଷ୍ଟିକୋଣରେ ଜୀବନକୁ ଦେଖୁଛୁ। ଆମର ଜୀବନ ଖ୍ରୀଷ୍ଟଙ୍କ ସହିତ ଈଶ୍ୱରଙ୍କଠାରେ ଗୁପ୍ତ ଅଛି।

**ତାହାଙ୍କର ସ୍ୱର୍ଗରେ ଉପବେଶନରେ ତାଙ୍କ ସଙ୍ଗେ ଚିହ୍ନିତ:** ଖ୍ରୀଷ୍ଟ ଯେତେବେଳେ ପିତାଙ୍କର ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ହେଲେ ଆମେ ମଧ୍ୟ ତାହାଙ୍କ ସହିତ ସ୍ୱର୍ଗରେ ଉପବେଶନ କରାଯାଇଛୁ (ଏଫିସୀୟ ୨:୬)। ଆମେ ଯୀଶୁଖ୍ରୀଷ୍ଟଙ୍କଠାରେ ଅଧିକାର ଓ ଆଧିପତ୍ୟର ସ୍ଥାନରେ ଉପବେଶନ କରିଛୁ, ଏବଂ ଶୟତାନ ଓ ତା'ର ସମସ୍ତ ପୈଶାଚିକ ଶକ୍ତି ଆମର ପଦତଳେ ରହିଛନ୍ତି।

ଜଳରେ ବାପ୍ତିସ୍ମ ଏ ସମସ୍ତ ବିଷୟର ଏକ ପ୍ରତୀକାତ୍ମକ ଅଭିବ୍ୟକ୍ତି ଅଟେ। ଆପଣ ଯେତେବେଳେ ଜଳ ମଧ୍ୟରେ ପ୍ରବେଶ କରି ନିମଜ୍ଜିତ ବା ବୁଡିତ ହୁଅନ୍ତି, ଏହା ପ୍ରକାଶ କରେ ଆପଣ ଯୀଶୁ ଖ୍ରୀଷ୍ଟଙ୍କ ସହିତ କ୍ରୁଶୀୟ ମୃତ୍ୟୁଭୋଗ କଲେ ଓ ସମାଧିସ୍ଥ ହେଲେ। ଆପଣ ଯେତେବେଳେ ଜଳରୁ ଉଠି ଆସନ୍ତି, ଏହା ପ୍ରକାଶ କରେ ଆପଣ ଯୀଶୁ ଖ୍ରୀଷ୍ଟଙ୍କ ସହିତ ପୁନ୍‌ରୁତ୍‌ଥିତ ହୋଇଛନ୍ତି, ସ୍ୱର୍ଗାରୋହଣ କରିଛନ୍ତି ଓ ସ୍ୱର୍ଗରେ ଉପବେଶନ କରିଛନ୍ତି।

ଆପଣ ଜଳରେ ବାପ୍ତିଜିତ ହେଲେ, ଆପଣ ଦୃଶ୍ୟ ଓ ଅଦୃଶ୍ୟ ଜଗତ ଆଗରେ ଏହି ଘୋଷଣା କରିଥାନ୍ତି ଯେ ଆପଣ ଆତ୍ମିକ ଭାବରେ ଯୀଶୁଖ୍ରୀଷ୍ଟଙ୍କର ମୃତ୍ୟୁ, ସମାଧି, ପୁନରୁତ୍‌ଥାନ, ସ୍ୱର୍ଗାରୋହଣ ଓ ସ୍ୱର୍ଗରେ ଉପବେଶନରେ ତାହାଙ୍କ ସଙ୍ଗେ ଚିହ୍ନିତ

ହୋଇଛନ୍ତି । ଏହା ଏକ ପ୍ରତୀକାତ୍ମକ କାର୍ଯ୍ୟ, ଓ ଏହା ଅତି ଶକ୍ତିଶାଳୀ । ଯେଉଁ ମୁହୂର୍ତ୍ତରେ ବାପ୍ତିଜିତ ହୁଅନ୍ତି ପବିତ୍ର ଆତ୍ମାଙ୍କ ଶକ୍ତିରେ ପ୍ରୟୋଗ କରାଯାଇଥିବା କ୍ରୁଶର ଶକ୍ତିକୁ ଆପଣ ଅନୁଭବ କରିପାରିବେ । ଅତୀତ ଜୀବନ କୌଣସି ବିଷୟ (ପାପ, ହାନିକାରକ ଆସକ୍ତି, ଲଜ୍ଜା, ପ୍ରଚଣ୍ଡ ମାନସିକ ଆଘାତ, ଇତ୍ୟାଦି) ଯଦି ଆପଣଙ୍କୁ ବିଦ୍ରୁପ କରୁଛି ବା ଭୟ ପ୍ରଦର୍ଶନ କରୁଛି, ସାହସର ସହିତ ଘୋଷଣା କରନ୍ତୁ ଯେ ତା'ର ଶକ୍ତିକୁ ଭାଙ୍ଗି ଦିଆଯାଇଛି । ଜଳରେ ବାପ୍ତିସ୍ମଦ୍ୱାରା ଆପଣ ଯାହା ଘୋଷଣା କରିଛନ୍ତି ତାହା ପୁରାତନ ଜୀବନର ସମସ୍ତ ବନ୍ଧନକୁ ଛିଣ୍ଡାଇ ପକାଇବ ବୋଲି ଆଶା କରନ୍ତୁ ।

ପ୍ରେରିତ ପାଉଲ କହନ୍ତି ଯେ ଆମେ "ଖ୍ରୀଷ୍ଟଙ୍କୁ ପରିଧାନ" କରିଅଛୁ ।

**ଗାଲାତୀୟ ୩:୨୭**

**ଯେଣୁ ତୁମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛ, ତୁମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କୁ ପରିଧାନ କରିଅଛ ।**

ତେଣୁ ଆମେ ଯୀଶୁଙ୍କ ସଙ୍ଗେ ଏପରିଭାବେ ଏକ ଅଟୁ ଯେ ଲୋକମାନେ ଆମକୁ ଦେଖିଲେ ଯୀଶୁଙ୍କୁ ଦେଖିବା ଉଚିତ । ଆମେ ତାହାଙ୍କୁ ପରିଧାନ କରିବାକୁ ହେବ । ପବିତ୍ର ଆତ୍ମା ପ୍ରତିଦିନ ଆମକୁ ତାହାଙ୍କ ସାଦୃଶ୍ୟରେ ପରିବର୍ତ୍ତିତ କରନ୍ତି, ଯଦ୍ଦ୍ୱାରା କ୍ରମଶଃ, ଲୋକେ ଆମଠାରେ ଖ୍ରୀଷ୍ଟଙ୍କୁ ଦେଖିବେ, କାରଣ ଆମେ ଖ୍ରୀଷ୍ଟଙ୍କୁ ପରିଧାନ କରିଛୁ ।

## ଅନୁଚିନ୍ତା

ଆତ୍ମିକ ଭାବରେ ଆପଣ ଖ୍ରୀଷ୍ଟଙ୍କ ସହିତ ଏସମସ୍ତ ବିଷୟରେ ଚିହ୍ନିତ ହୋଇଛନ୍ତି:

(କ) ତାଙ୍କର କ୍ରୁଶୀୟ ମୃତ୍ୟୁରେ, (ଖ) ତାଙ୍କର ସମାଧିରେ, (ଗ) ତାଙ୍କର ପୁନରୁତ୍‌ଥାନରେ, (ଘ) ତାଙ୍କର ସ୍ୱର୍ଗାରୋହଣରେ, (ଙ) ତାଙ୍କର ସ୍ୱର୍ଗରେ ଉପବେଶନରେ, ଏହି ଅଧ୍ୟାୟରେ ଏ ସମସ୍ତ ବିଷୟରେ ଯାହା ଆଲୋଚିତ ହୋଇଛି ସେଥିରୁ ଏହି ପାଞ୍ଚୋଟି ବିଷୟ ଆପଣଙ୍କ ବ୍ୟକ୍ତିଗତ ଜୀବନରେ କ'ଣ ମାନେ ରଖେ ଚିନ୍ତା କରନ୍ତୁ ।

## ୬

# ଶୁଚି ବିବେକ ପାଇବା ନିମନ୍ତେ ପ୍ରାର୍ଥନା

ପ୍ରେରିତ ପିତର ନୋହଙ୍କ ଜାହାଜ ବିଷୟରେ ଲେଖନ୍ତି ଯହିଁରେ ଆଠଜଣ ବ୍ୟକ୍ତି ଜଳପ୍ଲାବନ ସମୟରେ ରକ୍ଷା ପାଇଥିଲେ । ସେ କହନ୍ତି ଯେ ଜଳରେ ବାପ୍ତିସ୍ମ ଏହି ଜାହାଜରେ ରକ୍ଷା ପାଇବା ସଦୃଶ । ଆମେ ମଧ୍ୟ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରି ପରିତ୍ରାଣ ଅନୁଭବ କରିଛୁ । ସେ ମୃତ୍ୟୁରୁ ଉତ୍‌ଥିତ ହୋଇ ସ୍ୱର୍ଗରେ ସର୍ବୋଚ୍ଚ ସ୍ଥାନରେ ଉପବିଷ୍ଟ ହୋଇଛନ୍ତି ।

**୧ପିତର ୩:୨୦-୨୨**

**୨୦ ପୂର୍ବକାଳରେ ନୋହଙ୍କ ସମୟରେ ଜାହାଜ ନିର୍ମିତ ହେଉଥିବା ବେଳେ, ଯେତେବେଳେ ଈଶ୍ୱର ଦୀର୍ଘସହିଷ୍ଣୁ ହୋଇ ଅପେକ୍ଷା କରୁଥିଲେ, ସେହି ସମୟରେ ସେମାନେ ଅବାଧ୍ୟ ହୋଇଥିଲେ । ସେହି ଜାହାଜରେ ପ୍ରବେଶ କରି ଅଳ୍ପ ଲୋକ, ଅର୍ଥାତ୍ ଆଠ ପ୍ରାଣୀ, ଜଳ ମଧ୍ୟ ଦେଇ ରକ୍ଷା ପାଇଲେ;**
**୨୧ ସେଥିର ପ୍ରତିରୂପ ବାପ୍ତିସ୍ମ, ଅର୍ଥାତ୍ ଶରୀରର ମଳିନତା ଦୂରୀକରଣ ନୁହେଁ, କିନ୍ତୁ ଈଶ୍ୱରଙ୍କ ନିକଟରେ ଶୁଚି ବିବେକ ପାଇବା ନିମନ୍ତେ ପ୍ରାର୍ଥନା, ଯୀଶୁ ଖ୍ରୀଷ୍ଟଙ୍କ ପୁନରୁତ୍‌ଥାନ ଦ୍ୱାରା ଏବେ ତୁମ୍ଭମାନଙ୍କୁ ପରିତ୍ରାଣ କରୁଅଛି;**
**୨୨ ସେହି ଯୀଶୁ ଖ୍ରୀଷ୍ଟ ସ୍ୱର୍ଗାରୋହଣ କରି ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ଅଛନ୍ତି, ଆଉ ଦୂତମାନେ, କ୍ଷମତାବାନ୍ ଓ ଶକ୍ତିଶାଳୀମାନେ ତାହାଙ୍କ ବଶୀଭୂତ ହୋଇଅଛନ୍ତି ।**

ଏଠାରେ ପିତର ଜଳରେ ବାପ୍ତିସ୍ମ ଗ୍ରହଣ ବିଷୟରେ ବୁଝାଇ କହନ୍ତି ଯେ ଆମ ଶରୀରର ମଳିନତା ଦୂରୀକରଣ ନିମନ୍ତେ ଏହା ଜଳରେ ଧୌତ ହେବା ନୁହେଁ, କିନ୍ତୁ ବର୍ତ୍ତମାନ ଆମର ବିବେକ ଏହାଦ୍ୱାରା ଈଶ୍ୱରଙ୍କ ପ୍ରତି ଶୁଚିକୃତ (ଧୌତ) ଓ ଉତ୍ତମ ହୋଇଥାଏ । ଅବଶ୍ୟ ଏହା ହୋଇଥାଏ ଯେତେବେଳେ ଆମେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ମୃତ୍ୟୁ ଓ ପୁନରୁତ୍‌ଥାନରେ ବିଶ୍ୱାସ କରିଥାଉ ।

ଯେତେବେଳେ ଆମେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କଲୁ, ତାଙ୍କର ରକ୍ତ ଆମର ପାପସବୁକୁ ଧୌତ କଲା ଓ ବର୍ତ୍ତମାନ ସୁଦ୍ଧା ଆମର ପାପସବୁକୁ ଧୌତ କରିଚାଲିଛି । ଆମେ ଈଶ୍ୱରଙ୍କ ଦୃଷ୍ଟିରେ ଧାର୍ମିକ ଗଣିତ ହୋଇଛୁ । ଆମେ ତାଙ୍କ ଦୃଷ୍ଟିରେ ନିଷ୍ପାପ ଅଟୁ,

ତାଙ୍କର ସାନିଧ୍ୟରେ ଆମେ ଗ୍ରହଣୀୟ ଅଟୁ ଓ ତାଙ୍କର ପ୍ରିୟଜନ ଅଟୁ । ଆମର ବିବେକ ଈଶ୍ୱରଙ୍କ ପ୍ରତି ଉତ୍ତମ ଓ ଶୁଦ୍ଧ ଅଟେ । ଆମ ମଧ୍ୟରେ ଆଉ କୌଣସି ଦୋଷଭାବନା, ଲଜ୍ଜା, ଅଭିଯୋଗ ବା ଦଣ୍ଡାଜ୍ଞା ନ ଥାଏ ଯାହା ଈଶ୍ୱରଙ୍କ ସଙ୍ଗେ ସମ୍ପର୍କ ସ୍ଥାପନ କରିବାରେ ଅନ୍ତରାୟ ହୋଇଥାଏ । କେବଳ ଯୀଶୁ ଖ୍ରୀଷ୍ଟ ହିଁ ଆମକୁ ଈଶ୍ୱରଙ୍କ ସଙ୍ଗେ ଏପରି ସମ୍ପର୍କ ସ୍ଥାପନ କରାଇଥାନ୍ତି । ବର୍ତ୍ତମାନ ଆପଣ ଜଳରେ ବାପ୍ତିସ୍ମ ଗ୍ରହଣ କରିଛନ୍ତି କାରଣ ଆପଣଙ୍କ ବିବେକ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଉତ୍ତମ ଓ ଶୁଦ୍ଧ ହୋଇପାରିଛି । ଜଳରେ ବାପ୍ତିସ୍ମ ଈଶ୍ୱରଙ୍କ ପ୍ରତି ଉତ୍ତମ ବିବେକ ରହିଥିବା ଜଣେ ବ୍ୟକ୍ତିର ଉତ୍ତର ବା ପ୍ରାର୍ଥନା ଅଟେ ।

ଖ୍ରୀଷ୍ଟଙ୍କ ଦ୍ୱାରା ସାଧିତ କର୍ମରେ ବିଶ୍ୱାସ କରିବା ଓ ଦୈନନ୍ଦିନ ଜୀବନରେ ତାଙ୍କର ବାଧ୍ୟ ହେବା ଦ୍ୱାରା ଆମେ ଈଶ୍ୱରଙ୍କ ଦୃଷ୍ଟିରେ ଉତ୍ତମ ବିବେକ ରକ୍ଷା କରିପାରିଥାଉ ।

**୧ଯୋହନ ୩:୨୦-୨୨**

**୨୦ ପୁଣି ଯେକୌଣସି ବିଷୟରେ ଆମ୍ଭମାନଙ୍କ ହୃଦୟ ଆମ୍ଭମାନଙ୍କୁ ଦୋଷୀ କରେ, ସେ ବିଷୟରେ ତଦ୍ୱାରା ତାହାଙ୍କ ଛାମୁରେ ଆପଣାମାନଙ୍କ ହୃଦୟ ସୁସ୍ଥିର କରି ପାରିବା; କାରଣ ଈଶ୍ୱର ଆମ୍ଭମାନଙ୍କ ହୃଦୟଠାରୁ ମହାନ୍ ଓ ସେ ସବୁ ଜାଣନ୍ତି ।**

**୨୧ ହେ ପ୍ରିୟମାନେ, ଆମ୍ଭମାନଙ୍କ ହୃଦୟ ଯଦି ଆମ୍ଭମାନଙ୍କୁ ଦୋଷୀ ନ କରେ, ତାହାହେଲେ ଈଶ୍ୱରଙ୍କ ଛାମୁରେ ଆମ୍ଭମାନଙ୍କର ସାହସ ଅଛି,**

**୨୨ ପୁଣି ଆମ୍ଭେମାନେ ଯାହା ଯାହା ମାଗୁ, ସେହିସବୁ ତାହାଙ୍କଠାରୁ ପାଇଥାଉ, କାରଣ ଆମ୍ଭେମାନେ ତାହାଙ୍କର ଆଜ୍ଞା ପାଳନ କରୁ, ପୁଣି ତାହାଙ୍କର ଦୃଷ୍ଟିରେ ଯାହା ସନ୍ତୋଷଜନକ, ତାହା କରିଥାଉ ।**

ଆମର ବିବେକ ଯଦି ନିର୍ମଳ ଅଟେ, ଆମର ହୃଦୟ ଆମକୁ ଦୋଷୀ କରେ ନାହିଁ ଓ ଆମେ ଈଶ୍ୱରଙ୍କ ଦୃଷ୍ଟିରେ ସାହସିକ ହେବୁ । ଯଦି ଆମର ହୃଦୟ ଆମକୁ ଦୋଷୀ କରେ, ତେବେ ଆମର ବିବେକ ନିର୍ମଳ ନୁହେଁ, ଆମ ଅନ୍ତରରେ କୌଣସି ନା କୌଣସି ବିଷୟ ଆମକୁ "ଦୋଷୀ" କରେ । ଈଶ୍ୱର ସମସ୍ତ ବିଷୟ ଜାଣନ୍ତି । ଆମେ ଆମର ଜଣା ଓ ଅଜଣା ପାପସବୁ ସ୍ୱୀକାର କରି ତାଙ୍କର ରକ୍ତରେ ଆମକୁ ପରିଷ୍କାର କରିବା ନିମନ୍ତେ ପ୍ରାର୍ଥନା କରିବାକୁ ହେବ (୧ଯୋହନ ୧:୯) । ତା' ହେଲେ ଆମେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ରଖି ଈଶ୍ୱରଙ୍କ ଦୃଷ୍ଟିରେ ନିର୍ମଳ, ସ୍ୱଚ୍ଛ ଓ ଉତ୍ତମ ବିବେକ ରକ୍ଷା କରି ଆଚରଣ କରି ପାରିଥାଉ । ଫଳରେ ତାହାଙ୍କର ବାଧ୍ୟ ହୋଇ ଆମେ ଆଚରଣ କରିଥାଉ ଓ ତାହାଙ୍କର ସନ୍ତୋଷଜନକ କାର୍ଯ୍ୟ କରିଥାଉ । ଆମେ ଈଶ୍ୱରଙ୍କ ଦୃଷ୍ଟିରେ ଉତ୍ତମ ବିବେକ ରକ୍ଷା କରୁ ।

## ଅନୁଚିନ୍ତା

୧) ଏହି ଅଧ୍ୟାୟରେ ଯେପରି ଆଲୋଚିତ ହୋଇଛି ଈଶ୍ୱରଙ୍କ ଦୃଷ୍ଟିରେ "ଉତ୍ତମ ବିବେକ" ରକ୍ଷା କରିବାର ଅର୍ଥ କ'ଣ?

୨) ବାପ୍ତିସ୍ମ ଗ୍ରହଣ ପରେ ଦୈନନ୍ଦିନ ଜୀବନରେ ଈଶ୍ୱରଙ୍କ ଦୃଷ୍ଟିରେ ଉତ୍ତମ ବିବେକ କିପରି ରକ୍ଷା କରିବେ?

## ୭

# କେତେକ ସାଧାରଣ ପ୍ରଶ୍ନର ଉତ୍ତର

ଏହି ଅଧ୍ୟାୟରେ ଆମେ କେତେକ ସାଧାରଣ ପ୍ରଶ୍ନର ଉତ୍ତର ଦେଇଛୁ । ଏହି ଉତ୍ତରସବୁର ଶାସ୍ତ୍ରୀୟ ଆଧାର ଆମର ପୂର୍ବାଲୋଚିତ ଅଧ୍ୟୟନସବୁରେ ଦିଆଯାଇଛି । ଏଣୁ ସେସବୁକୁ ଏଠାରେ ପୁନରାବୃତ୍ତି କରାଯାଇନାହିଁ ।

### ୧. ବାପ୍ତିସ୍ମ ନେବାର ଉପଯୁକ୍ତ ବୟସ କ'ଣ ?

ଧର୍ମଶାସ୍ତ୍ରରେ କୌଣସି ଏପରି ବୟସ କଥା କୁହାଯାଇନାହିଁ । ତେଣୁ ଧର୍ମଶାସ୍ତ୍ରରେ ଏ ସମ୍ପର୍କରେ ଦିଆଯାଇଥିବା ପୂର୍ବଆବଶ୍ୟକତାକୁ ନେଇ ଆମେ ଅଗ୍ରସର ହେବାକୁ ହେବ, ଏବଂ ତାହା ହେଉଛି ଜଣେ ବ୍ୟକ୍ତି ପାପରୁ ମନ ପରିବର୍ତ୍ତନ କରି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ତ୍ରାଣକର୍ତ୍ତା ଓ ପ୍ରଭୁ ଭାବରେ ବିଶ୍ୱାସରେ ଗ୍ରହଣ କରିଥିବା ଆବଶ୍ୟକ । ତା' ହେଲେ ସେ ବାପ୍ତିସ୍ମ ଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୁଏ । ଜଣେ ଶିଶୁକୁ ବାପ୍ତିସ୍ମ ଦିଆଯାଇ ପାରିବ ନାହିଁ କାରଣ ଧର୍ମଶାସ୍ତ୍ର ଏ ବିଷୟରେ କିଛି କୁହେ ନାହିଁ । ତେବେ ଜଣେ ବ୍ୟକ୍ତି ଯେ କୌଣସି ବୟସର ହୋଇଥିଲେ ମଧ୍ୟ ସେ ଯଦି ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାରକୁ ବୁଝିପାରୁଛି ଏବଂ ସେ ବ୍ୟକ୍ତିଗତରୂପେ ମନପରିବର୍ତ୍ତନ କରି ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରେ ତେବେ ସେ ବାପ୍ତିସ୍ମ ଗ୍ରହଣ କରିପାରିବ ।

### ୨. ପରିତ୍ରାଣ ପାଇବା ପରେ ବାପ୍ତିସ୍ମ ଗ୍ରହଣ କରିବା ପାଇଁ କିଛି ଦିନ ଅପେକ୍ଷା କରିବା ଆବଶ୍ୟକ କି ?

ଅପେକ୍ଷା କରିବା ଆଦୌ ଆବଶ୍ୟକ ନୁହେଁ । ପ୍ରେରିତ ପୁସ୍ତକରେ ବର୍ଣ୍ଣିତ ସମସ୍ତ ଘଟଣାରେ ଯେଉଁ ମୁହୂର୍ତ୍ତରେ ଲୋକମାନେ ମନ ପରିବର୍ତ୍ତନ କରିଛନ୍ତି ଓ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିଛନ୍ତି ସେମାନଙ୍କୁ ବାପ୍ତିସ୍ମ ଦିଆଯାଇଛି । ତେବେ ଜଳରେ ବାପ୍ତିସ୍ମ ଗ୍ରହଣ ବିଷୟରେ ଲୋକମାନଙ୍କୁ ବୁଝାଇବା ପାଇଁ ଓ ସେମାନେ ଯେପରି ସ୍ୱତଃପ୍ରବୃତ୍ତ ଭାବରେ ଏଥିପାଇଁ ନିଷ୍ପତ୍ତି ନିଅନ୍ତି, ସେଥିପାଇଁ ସେମାନଙ୍କୁ ଏ ବିଷୟରେ ଶିକ୍ଷା ଦେବା ଉଚିତ ଓ ବାପ୍ତିସ୍ମ କେବେ ନେବେ ସେ ବିଷୟରେ ସେମାନଙ୍କୁ ବାଧ୍ୟ ନ କରି ନିଷ୍ପତ୍ତି ତାଙ୍କ ଉପରେ ଛାଡ଼ିଦେବା ଉଚିତ ।

**୩. କେଉଁ "ବାପ୍ତିସ୍ମ ସୂତ୍ର" ଆମେ ବ୍ୟବହାର କରୁ ?**

ପ୍ରଭୁ ଯୀଶୁ ତାଙ୍କର ମହାନ୍ ଆଦେଶରେ ଯାହା କହନ୍ତି ଓ ପ୍ରେରିତ ପୁସ୍ତକରେ ଯେଉଁ ପଦ୍ଧତି ଅନୁସୃତ ହେଉଥିଲା ତଦନୁସାରେ ଏହି ସୂତ୍ରକୁ ଆମେ ବ୍ୟବହାର କରିଥାଉ: "ଯୀଶୁଙ୍କ ନାମରେ, ମୁଁ ଆପଣଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଉଛି ।"

**୪. କିଏ ଅନ୍ୟ ଜଣେ ବିଶ୍ୱାସୀଙ୍କୁ ବାପ୍ତିସ୍ମ ଦେବା ପାଇଁ ଅଧିକାର ପ୍ରାପ୍ତ ଅଟନ୍ତି ?**

ଯେଉଁ ବିଶ୍ୱାସୀ ଜଳରେ ବାପ୍ତିସ୍ମ ଗ୍ରହଣ କରିଛି ସେ ଯୀଶୁ ଖ୍ରୀଷ୍ଟଙ୍କ ଅନୁଗମନ କରିବାକୁ ନିଷ୍ପତ୍ତି ନେଇଥିବା ଜଣେ ନୂତନ ବିଶ୍ୱାସୀକୁ ଜଳରେ ବାପ୍ତିସ୍ମ ଦେଇପାରିବେ ।

**୫. ପୁନର୍ବାର ବାପ୍ତିସ୍ମ ନେବା ଆବଶ୍ୟକ କି ?**

ସିଞ୍ଚନ ପ୍ରକ୍ରିୟା ବାଇବଲ ସମ୍ମତ ଜଳରେ ବାପ୍ତିସ୍ମ ନୁହେଁ, ତେଣୁ ଏହାକୁ ପ୍ରକୃତ ବାପ୍ତିସ୍ମ ରୂପେ ଗ୍ରହଣ କରାଯାଇ ପାରିବ ନାହିଁ । ତେଣୁ ଯେଉଁ ବ୍ୟକ୍ତି ଶିଶୁଥିବା ସମୟରେ ସିଞ୍ଚନ ବାପ୍ତିସ୍ମ ନେଇଛି, ସେ ବଡ଼ ହୋଇ ଯୀଶୁ ଖ୍ରୀଷ୍ଟଙ୍କୁ ତ୍ରାଣକର୍ତ୍ତା ଓ ପ୍ରଭୁ ଭାବରେ ଗ୍ରହଣ କଲେ ଜଳରେ ବାପ୍ତିସ୍ମ ନେବାକୁ ହେବ ।

କେତେଜଣ, ପିତା ମାତା ବା ବନ୍ଧୁମାନଙ୍କ ଦ୍ୱାରା ଉତ୍ସାହିତ ହୋଇ, ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରି ପରିତ୍ରାଣ ଲାଭ କରି ନ ଥିଲେ ସୁଦ୍ଧା ଜଳରେ ବାପ୍ତିସ୍ମ ଗ୍ରହଣ କରିନେଇଥାନ୍ତି । ସେମାନଙ୍କୁ ଆମେ ଉତ୍ସାହିତ ଓ ପରାମର୍ଶ ଦେଉ ଯେ ସେମାନେ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରି ପୁନର୍ବାର ଜଳରେ ବାପ୍ତିସ୍ମ ନିଅନ୍ତୁ ।

ଆହୁରି କେତେ ଜଣ, ଈଶ୍ୱରଙ୍କଠାରୁ ବିମୁଖ ହୋଇ ବିଶ୍ୱାସ ପରିତ୍ୟାଗ କରିଥାନ୍ତି । କିନ୍ତୁ ପରେ ସେମାନେ ପ୍ରଭୁଙ୍କ ନିକଟକୁ ଫେରି ଆସନ୍ତି ଏବଂ ଏହି ମନ ପରିବର୍ତ୍ତନ ଯୋଗୁଁ ପୁଣି ଥରେ ବାପ୍ତିସ୍ମ ନେବାକୁ ଚାହିଁଥାନ୍ତି । ସେମାନଙ୍କର ବ୍ୟକ୍ତିଗତ ମନୋନୟନ ଯୋଗୁଁ ଏହା ସେମାନେ କରି ପାରନ୍ତି । ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ ।

**୬. ପରିତ୍ରାଣ ପାଇବା ନିମନ୍ତେ ଜଳରେ ବାପ୍ତିସ୍ମ ଗ୍ରହଣ କରିବା ଆବଶ୍ୟକ କିଅବା ଏହା ପରିତ୍ରାଣ ପାଇଥିବାର ଏକ ଅଭିବ୍ୟକ୍ତି ଅଟେ ?**

ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ଅନୁଗ୍ରହ ଯୋଗୁଁ ପରିତ୍ରାଣ ମିଳିଥାଏ । ପରିତ୍ରାଣ ପାଇଥିବାର କାରଣସ୍ୱରୂପେ ଜଳରେ ବାପ୍ତିସ୍ମ ଗ୍ରହଣ ଆବଶ୍ୟକ ହୋଇଥାଏ ।

ଯୀଶୁଙ୍କ ସମୟରେ ତାଙ୍କର ଅନୁଗମନ କରିବାକୁ ନିଷ୍ପତ୍ତି ନେଉଥିବା ଲୋକମାନଙ୍କୁ ଯୀଶୁ (ତାଙ୍କର ଶିଷ୍ୟମାନେ) ବାପ୍ତିସ୍ମ ଦେଉଥିଲେ । ତେବେ କ୍ରୁଶାର୍ପିତ ଚୋରକୁ ପ୍ରଭୁ ପାରଦୀଶର ପ୍ରତିଜ୍ଞା ଦେଇଥିଲେ, ସେ ପରିତ୍ରାଣ ପାଇଥିଲା । କ୍ରୁଶାର୍ପିତ ଚୋରର ବାପ୍ତିସ୍ମ ଗ୍ରହଣ କରିବାର ଅବସର ନ ଥିଲା । ଏହିପରି ଅନେକେ ପୃଥିବୀରେ ସେମାନଙ୍କର ଶେଷ କ୍ଷଣରେ ଯୀଶୁ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରିବାର ନିଷ୍ପତ୍ତି ନିଅନ୍ତି ଓ ବାପ୍ତିସ୍ମ ଗ୍ରହଣ କରିବାର ଅବକାଶ ପାଇ ନ ଥାନ୍ତି । ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରି ସେମାନେ ପରିତ୍ରାଣ ପାଇଥାନ୍ତି । ଆମେ ଯେଉଁମାନେ ପରିତ୍ରାଣ ପାଇଛୁ, ଜଳରେ ବାପ୍ତିସ୍ମ ଗ୍ରହଣ କରିବା ବାଧ୍ୟତାର ବିଷୟ ଅଟେ ଯାହାକୁ ଆମେ ତତ୍ପରତାର ସହିତ ପୂରଣ କରିବା ଉଚିତ ।

## ୭. ମୃତମାନଙ୍କ ନିମନ୍ତେ କ'ଣ ଆମେ ବାପ୍ତିଜିତ ହେବା ?

ଅନେକେ ୧କରିନ୍ଥୀୟ ୧୫:୨୯ ଉଦ୍ଧୃତ କରି ପଚାରନ୍ତି ଆମେ କ'ଣ ମୃତ ହୋଇଥିବା ଲୋକମାନଙ୍କ ପକ୍ଷରୁ ବାପ୍ତିଜିତ ହୋଇପାରିବା ?

**୧କରିନ୍ଥୀୟ ୧୫:୨୯**

**ମୃତମାନଙ୍କ ଉତ୍ଥାନ ନ ହେଲେ, ଯେଉଁମାନେ ମୃତମାନଙ୍କ ନିମନ୍ତେ ନିମନ୍ତେ ବାପ୍ତିଜିତ ହୁଅନ୍ତି, ସେମାନେ କଅଣ କରିବେ ? ଯଦି ମୃତମାନେ ଆଦୌ ଉତ୍ଥିତ ନ ହୁଅନ୍ତି, ତେବେ ସେମାନଙ୍କ ନିମନ୍ତେ ସେମାନେ କାହିଁକି ବାପ୍ତିଜିତ ହୁଅନ୍ତି ?**

୧କରିନ୍ଥୀୟ ୧୫ ପର୍ବରେ ପ୍ରେରିତ ପାଉଲ ଏହି ସତ୍ୟ ପ୍ରକାଶ କରନ୍ତି ଯେ ମୃତ୍ୟୁ ପରେ ଜୀବନ ରହିଛି ଓ ମୃତମାନଙ୍କର ପୁନରୁତ୍ଥାନ ରହିଛି । ଉପରୋକ୍ତ ଶାସ୍ତ୍ରାଂଶରେ "ସେମାନେ" (ଆମେ ନୋହୁଁ) କହିଲେ ଯେଉଁମାନେ ମୃତମାନଙ୍କ ନିମନ୍ତେ ବାପ୍ତିଜିତ ହୁଅନ୍ତି । "ସେମାନେ" ଖ୍ରୀଷ୍ଟୀୟ ବିଶ୍ୱାସର ଲୋକ ନ ଥିଲେ, କିନ୍ତୁ ସେମାନେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ବାପ୍ତିସ୍ମ ଭଳି ପ୍ରଥା ପାଳନ କରନ୍ତି, ଯେପରି କି ତାହା ମୃତ୍ୟୁ ପରବର୍ତ୍ତୀ ଜୀବନକୁ ପ୍ରଭାବିତ କରିବ । ଏଠାରେ ପାଉଲ ଏହି ପ୍ରଥାର ସମର୍ଥନ କରୁନାହାନ୍ତି ମାତ୍ର ସେମାନଙ୍କର ପ୍ରଥାକୁ ସୂଚିତ କରି କହନ୍ତି ଯେ ସେମାନେ ମଧ୍ୟ ମୃତ୍ୟୁ ପରବର୍ତ୍ତୀ ଜୀବନରେ ବିଶ୍ୱାସ କରନ୍ତି । ନୂତନ ନିୟମରେ ମୃତମାନଙ୍କ ବାପ୍ତିସ୍ମକୁ ସମର୍ଥନ କରୁଥିବା କୌଣସି ଶାସ୍ତ୍ରାଂଶ ନାହିଁ, ତେଣୁ, ଏହି ପ୍ରଶ୍ନର ଉତ୍ତର 'ନା' ଅଟେ । ମୃତମାନଙ୍କ ପକ୍ଷରୁ ଆମେ କାହାକୁ ବାପ୍ତିସ୍ମ ଦେଇ ନ ଥାଉ ।

# ଯେଉଁ ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ତାହାଙ୍କୁ ଆପଣ ଜାଣନ୍ତି କି ?

୨୦୦୦ ବର୍ଷ ତଳେ ଈଶ୍ୱର ମନୁଷ୍ୟ ରୂପରେ ଜନ୍ମ ନେଇ ଜଗତକୁ ଆସିଥିଲେ । ସେ ଯୀଶୁ ନାମରେ ଖ୍ୟାତ ହୋଇଥିଲେ । ସେ ଏକ ସିଦ୍ଧ ପାପଶୂନ୍ୟ ଜୀବନ କାଟିଥିଲେ । ସେ ରକ୍ତମାଂସ ବିଶିଷ୍ଟ ଈଶ୍ୱର ହୋଇଥିବାରୁ ତାଙ୍କର ପ୍ରତ୍ୟେକ ବାକ୍ୟ ଓ କର୍ମ ଦ୍ୱାରା ସେ ଈଶ୍ୱରଙ୍କୁ ଆମ ନିକଟରେ ପ୍ରକାଶ କଲେ । ସେ ଯାହା କହିଲେ ତାହା ଈଶ୍ୱରଙ୍କ ବାକ୍ୟ ଥିଲା । ସେ ଯାହା କଲେ ତାହା ଈଶ୍ୱରଙ୍କ କାର୍ଯ୍ୟ ଥିଲା । ସେ ଜଗତରେ ଅନେକ ଆଶ୍ଚର୍ଯ୍ୟ କର୍ମ ସାଧନ କରିଥିଲେ । ସେ ରୋଗୀ ଓ ଦୁଃଖ ଭୋଗ କରୁଥିବା ଲୋକମାନଙ୍କୁ ସୁସ୍ଥ କଲେ । ସେ ଅନ୍ଧମାନଙ୍କୁ ସୁସ୍ଥ କଲେ, ବଧିରମାନଙ୍କର କର୍ଣ୍ଣ ଖୋଲିଲେ, ପଙ୍ଗୁମାନଙ୍କୁ ଚାଲିବାର ଶକ୍ତି ଦେଲେ ଓ ସବୁପ୍ରକାର ରୋଗକୁ ସୁସ୍ଥ କଲେ । ସେ ଅଳ୍ପ କେତୋଟି ରୋଟୀ ଓ ମାଛକୁ ବହୁଗୁଣିତ କରି ହଜାର ହଜାର ଲୋକମାନଙ୍କୁ ଆଶ୍ଚର୍ଯ୍ୟଭାବରେ ଖୁଆଇ ପରିତୃପ୍ତ କଲେ, ଝଡ଼ ବତାସକୁ ଆଜ୍ଞା ଦେଇ ସେ ଶାନ୍ତ କଲେ, ଏପରି ସେ ଅସଂଖ୍ୟ ଆଶ୍ଚର୍ଯ୍ୟକର୍ମ କଲେ ।

**ଏହି ସମସ୍ତ ବିଷୟ ପ୍ରକାଶ କଲେ ଯେ ଈଶ୍ୱର ମଙ୍ଗଳମୟ ଓ ସେ ଚାହାନ୍ତି ଯେପରି ସମସ୍ତେ ସୁଖଶାନ୍ତି ଓ ଆନନ୍ଦରେ ରୁହନ୍ତୁ, ସବଳ ସୁସ୍ଥ ରୁହନ୍ତୁ । ସେ ଆମମାନଙ୍କର ସମସ୍ତ ଅଭାବ ଓ ଆବଶ୍ୟକତାକୁ ପୂରଣ କରନ୍ତି ।**

ତେବେ ଈଶ୍ୱର କାହିଁକି ମାନବ ରୂପରେ ଜଗତକୁ ଆସିବାକୁ ଚାହିଁଲେ ? ଯୀଶୁ କାହିଁକି ଜଗତକୁ ଆସିଥିଲେ ?

ଆମେମାନେ ସମସ୍ତେ ପାପ କରିଛୁ ଓ ଆମର ସୃଷ୍ଟିକର୍ତ୍ତା ଈଶ୍ୱର ଆମଠାରୁ ଯାହା ଚାହାନ୍ତି ନାହିଁ ତାହା କରି ଚାଲିଛୁ । ପାପ ଈଶ୍ୱରଙ୍କଠାରୁ ଆମକୁ ବିଚ୍ଛିନ୍ନ କରି ରଖିଥିବା ଏକ ବିରାଟ ଅଭେଦ୍ୟ ପ୍ରାଚୀର ସଦୃଶ୍ୟ । ପାପ ଆମକୁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ କରି ଦେଇଥାଏ । ଯିଏ ଆମକୁ ସୃଷ୍ଟି କରିଛନ୍ତି ତାହାଙ୍କୁ ଜାଣିବା ଓ ତାହାଙ୍କ ସଙ୍ଗେ ଯଥାର୍ଥ ଓ ଅର୍ଥପୂର୍ଣ୍ଣ ସମ୍ପର୍କ ରକ୍ଷା କରିବାରେ ଏହା ଅନ୍ତରାୟ ସୃଷ୍ଟି କରିଥାଏ । ଏଣୁ ଆମେ ଅନ୍ୟ କୌଣସି ବିଷୟ ଦ୍ୱାରା ଏହି ଶୂନ୍ୟସ୍ଥାନକୁ ପୂରଣ କରିବାକୁ ଚେଷ୍ଟା କରିଥାଉ ।

ପାପ ଆମକୁ ଈଶ୍ୱରଙ୍କଠାରୁ ଅନନ୍ତକାଳ ପାଇଁ ବିଚ୍ଛିନ୍ନ କରିଦେଇଥାଏ । ଈଶ୍ୱରଙ୍କ ଦରବାରରେ ପାପର ଦଣ୍ଡ ମୃତ୍ୟୁ । ମୃତ୍ୟୁ କହିଲେ ଈଶ୍ୱରଙ୍କଠାରୁ ଅନନ୍ତକାଳ ନିମନ୍ତେ ବିଚ୍ଛିନ୍ନ ହୋଇ ନରକାଗ୍ନିରେ ଦଣ୍ଡ ଭୋଗିବା ।

କିନ୍ତୁ ଆପଣଙ୍କ ନିମନ୍ତେ ଶୁଭ ଖବର ରହିଛି । ଆପଣ ପାପରୁ ମୁକ୍ତି ପାଇ ପାରିବେ ଓ ଈଶ୍ୱରଙ୍କ ସଙ୍ଗେ ମିଳିତ ହୋଇପାରିବେ । ବାଇବଲ କହେ, *"ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ" (ରୋମୀ ୬:୨୩) ।* ଯୀଶୁ କ୍ରୁଶରେ ମୃତ୍ୟୁବରଣ କରି ସମସ୍ତ ମାନବ ସମାଜର ପାପର ମୂଲ୍ୟକୁ ପରିଶୋଧ କରିଦେଇଛନ୍ତି । ସେ ତୃତୀୟ ଦିବସରେ ପୁନରୁତ୍‌ଥିତ ହେଲେ, ଅନେକଙ୍କ ନିକଟରେ ନିଜେ ଜୀବିତ ଥିବା ପ୍ରମାଣ ଦେଖାଇଲେ ଓ ସ୍ୱର୍ଗାରୋହଣ କଲେ ।

ଈଶ୍ୱର ପ୍ରେମମୟ ଓ କରୁଣାମୟ । କେହି ଯେ ନରକଗାମୀ ହେଉ ଏହା ସେ କଦାପି ଚାହାନ୍ତି ନାହିଁ । ଏଣୁ ସେ ସମସ୍ତ ମାନବଜାତିକୁ ପାପରୁ ଓ ପାପର ଦଣ୍ଡରୁ ମୁକ୍ତ କରିବା ନିମନ୍ତେ ଏକ ପଥ ପ୍ରସ୍ତୁତ କରିବା ପାଇଁ ଏହି ଜଗତକୁ ଆସିଥିଲେ । ସେ ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ଆସିଥିଲେ, ଆପଣ ଓ ମୋ ଭଳି ଲୋକମାନଙ୍କୁ ପାପ ଓ ଅନନ୍ତ ମୃତ୍ୟୁରୁ ରକ୍ଷା କରିବା ପାଇଁ ସେ ଆସିଥିଲେ ।

ବିନା ମୂଲ୍ୟରେ ପାପକ୍ଷମା ପାଇବାକୁ ହେଲେ ଆପଣଙ୍କୁ ଗୋଟିଏ ବିଷୟ କରିବାକୁ ହେବ – କ୍ରୁଶ ଉପରେ ପ୍ରଭୁ ଯୀଶୁ ଯାହା ସାଧନ କରିଅଛନ୍ତି ତାହା ଗ୍ରହଣ କରିବାକୁ ହେବ ଓ ସମସ୍ତ ହୃଦୟର ସହିତ ତାଙ୍କୁ ବିଶ୍ୱାସ କରିବାକୁ ହେବ ।

*"ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ପାପକ୍ଷମା ପାଇବ" (ପ୍ରେରିତ ୧୦:୪୩) ।*

*"ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ" (ରୋମୀ ୧୦:୯) ।*

ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବେ ଆପଣ ମଧ୍ୟ ପାପ କ୍ଷମା ପାଇପାରିବେ ଓ ଆପଣାର ସମସ୍ତ ପାପରୁ ପରିଷ୍କୃତ ହୋଇପାରିବେ ।

ନିମ୍ନରେ ଏକ ସରଳ ପ୍ରାର୍ଥନା ଦିଆଯାଇଛି । ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ଓ ସେ କ୍ରୁଶ ଉପରେ ଆପଣଙ୍କ ନିମନ୍ତେ କ'ଣ ସାଧନ କରିଛନ୍ତି ତାହା ବିଶ୍ୱାସ କରି ଜୀବନରେ ଏକ ନିଷ୍ପତ୍ତି ନେବା ପାଇଁ ଏବଂ ଆପଣଙ୍କ ପାପସବୁରୁ କ୍ଷମା ପାଇବା ପାଇଁ ଓ ସେଥିରୁ ପରିଷ୍କୃତ ହେବା ପାଇଁ ଏହି ପ୍ରାର୍ଥନା ଆପଣଙ୍କୁ ସାହାଯ୍ୟ କରିବ । ଏହି ପ୍ରାର୍ଥନା ଏକ ନମୁନା ମାତ୍ର । ଆପଣ ନିଜ ଭାଷାରେ ମଧ୍ୟ ପ୍ରାର୍ଥନା କରିପାରିବେ ।

ପ୍ରିୟ ପ୍ରଭୁ ଯୀଶୁ, ତୁମେ କ୍ରୁଶ ଉପରେ ମୋ ନିମନ୍ତେ ଯାହା ସାଧନ କରିଛ ଆଜି ମୁଁ ତାହା ବୁଝି ପାରିଛି । ମୁଁ ଯେପରି ପାପରୁ କ୍ଷମା ପାଇବି ଏଥିପାଇଁ ତୁମେ ମୋ ପାଇଁ କ୍ରୁଶରେ ପ୍ରାଣ ଦେଲ, ତୁମର ଅମୂଲ୍ୟ ରକ୍ତକୁ ବୁହାଇ ମୋର ପାପର ମୂଲ୍ୟକୁ ପରିଶୋଧ କଲ । ବାଇବଲ କହେ ଯେ କେହି ତୁମଠାରେ ବିଶ୍ୱାସ କରେ ସେ ତା'ର ପାପସବୁରୁ କ୍ଷମା ପାଇବ ।

ମୁଁ ତୁମଠାରେ ବିଶ୍ୱାସ କରିବାକୁ ଏବଂ ମୋ ନିମନ୍ତେ କ୍ରୁଶୀୟ ମୃତ୍ୟୁଭୋଗ କରି ଓ ପୁନରୁତ୍‌ଥିତ ହୋଇ ମୋ ନିମନ୍ତେ ତୁମେ ଯାହା ସାଧନ କରିଛ ତାହା ଗ୍ରହଣ କରିବାକୁ ଆଜି ମୁଁ ନିଷ୍ପତ୍ତି ନେଉଛି । ମୁଁ ଜାଣେ କୌଣସି ସତ୍କର୍ମ କରି ମୁଁ ନିଜକୁ ନିଜେ ଉଦ୍ଧାର କରିପାରିବି ନାହିଁ କି ଅନ୍ୟ କୌଣସି ବ୍ୟକ୍ତି ମଧ୍ୟ ମୋତେ ଉଦ୍ଧାର କରିପାରିବ ନାହିଁ । ମୁଁ କେବେ ମୋର ପାପସବୁରୁ କ୍ଷମା ପାଇପାରିବି ନାହିଁ ଓ ଏଥିନିମନ୍ତେ କିଛି କରିପାରିବି ନାହିଁ ।

ଆଜି ମୁଁ ମୋର ହୃଦୟରେ ବିଶ୍ୱାସ କରୁଛି ଓ ମୋ ମୁଖରେ ସ୍ୱୀକାର କରୁଛି ଯେ ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କରିଅଛ । ତୁମେ ମୋର ପାପର ଦଣ୍ଡକୁ ପରିଶୋଧ କରିଦେଇଛ । ତୁମେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଛ ଓ ତୁମଠାରେ ବିଶ୍ୱାସ କରି ମୁଁ ପାପ କ୍ଷମା ପାଇଛି ଓ ମୋର ପାପସବୁରୁ ପରିଷ୍କୃତ ହୋଇଛି ।

ଧନ୍ୟବାଦ ଯୀଶୁ, ତୁମକୁ ପ୍ରେମ କରିବାକୁ ଓ ତୁମକୁ ଅଧିକରୁ ଅଧିକ ଜାଣିବାକୁ ଓ ତୁମଠାରେ ବିଶ୍ୱସ୍ତ ରହିବାକୁ ମୋତେ ସାହାଯ୍ୟ କର । ଆମେନ୍ ।

# ଅଲ୍ ପିପୁଲ୍ସ ଚର୍ଚ୍ଚ୍‌କୁ ଜାଣନ୍ତୁ

ଏହି ମଣ୍ଡଳୀ ବାଙ୍ଗାଲୁରୁରେ ଅବସ୍ଥିତ । ଏହି ନଗରରେ ଲବଣ ଓ ଆଲୋକ ସ୍ୱରୂପ ହେବା ତଥା ଭାରତ ଓ ଅନ୍ୟାନ୍ୟ ରାଷ୍ଟ୍ର ନିକଟରେ ଏକ ସ୍ୱର ପରି କାର୍ଯ୍ୟ କରିବା ଆମର ଦର୍ଶନ ଅଟେ ।

ଈଶ୍ୱରଙ୍କ ବାକ୍ୟକୁ ସମ୍ପୂର୍ଣ୍ଣରୂପେ, ସାଲିସ୍ ନକରି, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପ୍ରଦର୍ଶନ ଦ୍ୱାରା ଉପସ୍ଥାପିତ କରିବା ପାଇଁ ଆମେ ବଚନବଦ୍ଧ । ଆମେ ବିଶ୍ୱାସ କରୁ ଯେ ଉତ୍ତମ ସଙ୍ଗୀତ, ସୃଜନଶୀଳ ଉପସ୍ଥାପନା, ଜ୍ଞାନଯୁକ୍ତ ତର୍କ, ସମସାମୟିକ ସେବାକାର୍ଯ୍ୟ କୌଶଳ, ସାମ୍ପ୍ରତିକ ବୈଷୟିକ କୌଶଳ ଇତ୍ୟାଦି ଦ୍ୱାରା ବାକ୍ୟ ପ୍ରଚାର କଲେ ମଧ୍ଯ ତାହା ଈଶ୍ୱରଙ୍କ ଅନୁମୋଦିତ ବାକ୍ୟ ପ୍ରଚାରର ସ୍ଥାନ ନେଇ ନପାରେ ଅର୍ଥାତ୍ ପବିତ୍ର ଆତ୍ମାଙ୍କ ଶକ୍ତିରେ ଅନୁବର୍ତ୍ତୀ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମ ଓ ଆତ୍ମାଙ୍କ ଦାନ ସହ ବାକ୍ୟ ପ୍ରଚାରିତ ହେବା ଉଚିତ (୧ କରିନ୍ଥୀ ୨:୪,୫; ଏବ୍ରୀ ୨: ୩, ୪) । ଆମମାନଙ୍କ ପ୍ରସଙ୍ଗ ଯୀଶୁ, ଆମମାନଙ୍କ ବିଷୟବସ୍ତୁର ଆଧାର ଈଶ୍ୱରଙ୍କ ବାକ୍ୟ, ଆମମାନଙ୍କ ପ୍ରଣାଳୀ ପବିତ୍ର ଆତ୍ମାଙ୍କ ଶକ୍ତି, ଆମମାନଙ୍କ ଅନୁରାଗ ଜନତା ଓ ଏବଂ ଆମମାନଙ୍କ ଲକ୍ଷ୍ୟ ଖ୍ରୀଷ୍ଟଙ୍କ ସଦୃଶ ସିଦ୍ଧିଲାଭ ।

ବାଙ୍ଗାଲୁରୁରେ ଆମର ମୁଖ୍ୟ କେନ୍ଦ୍ର ଏବଂ ଭାରତର ବିଭିନ୍ନ ସ୍ଥାନରେ ଅଲ୍ ପିପୁଲ୍ସ ଚର୍ଚ୍ଚର ମଣ୍ଡଳୀଗୁଡ଼ିକ ରହିଛି । ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ବିଭିନ୍ନ ସ୍ଥାନର ଯୋଗାଯୋଗ ଠିକଣା ପାଇବା ପାଇଁ ଆମର ୱେବ୍‌ସାଇଟ୍ **www.apcwo.org/locations** କୁ ପରିଦର୍ଶନ କରନ୍ତୁ କିମ୍ବା ଆମ ନିକଟକୁ contact@apcwo.org ଠିକଣାରେ ଇମେଲ୍ କରନ୍ତୁ ।

# ଅଲ୍ ପିପୁଲ୍ସ୍ ଚର୍ଚ୍ଚର୍ ଅଂଶୀଦାର୍ ହୁଅନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ଏକ ସ୍ଥାନୀୟ ମଣ୍ଡଳୀ ହେଲେ ହେଁ ଏହାର ସେବାକାର୍ଯ୍ୟର ପରିସର ସାରା ଭାରତରେ, ବିଶେଷ କରି ଉତ୍ତର ଭାରତରେ ପରିବ୍ୟାପ୍ତ ଏବଂ ଏହା ବିଶେଷ ଧ୍ୟାନ ଦେଇଥାଏ (କ) ନେତୃବର୍ଗଙ୍କୁ ବଳିଷ୍ଠ କରିବା (ଖ) ସେବାକାର୍ଯ୍ୟ ନିମନ୍ତେ ଯୁବାମାନଙ୍କୁ ସୁସଜ୍ଜିତ କରିବା ଏବଂ (ଗ) ଖ୍ରୀଷ୍ଟଙ୍କ ଶରୀରକୁ ଗଢ଼ି ତୋଳିବା ପାଇଁ । ବର୍ଷସାରା ଯୁବାମାନଙ୍କ ପାଇଁ ଅନେକ ତାଲିମ୍ ସେମିନାର୍ ଓ ଖ୍ରୀଷ୍ଟୀୟ ନେତୃତ୍ୱ ସଭାମାନ ଅନୁଷ୍ଠିତ ହୋଇଥାଏ । ଏହା ବ୍ୟତୀତ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ଆମ ଦ୍ୱାରା ପ୍ରକାଶିତ ପୁସ୍ତକମାନ ହଜାର ହଜାର ସଂଖ୍ୟାରେ ମାଗଣାରେ ବଣ୍ଟନ କରାଯାଇଥାଏ । ବିଶ୍ୱାସୀମାନଙ୍କୁ ବାକ୍ୟ ଓ ଆତ୍ମାରେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଏହା କରାଯାଇଥାଏ ।

ଆମମାନଙ୍କ ସଙ୍ଗେ ଆର୍ଥିକ କ୍ଷେତ୍ରରେ ଅଂଶୀଦାର ହେବା ପାଇଁ ଆପଣଙ୍କୁ ଆମେ ସାଦର ନିମନ୍ତ୍ରଣ ଜଣାଉ । ଏଥିନିମନ୍ତେ ଆପଣ ଆମ ନିକଟକୁ ଏକକାଳୀନ ବା ମାସିକ ଆର୍ଥିକ ଦାନ ପଠାଇ ପାରିବେ । ଆମ ଦେଶରେ ସେବାକାର୍ଯ୍ୟ କରିବାକୁ ଆପଣ ଯାହା କିଛି ଦାନ ପଠାଇବେ ତାକୁ ସାଦରେ ଗ୍ରହଣ କରାଯିବ ।

ଆପଣଙ୍କ ଦାନ ଚେକ୍ ବା ଡ୍ରାଫ୍ଟ ଆକାରରେ "All Peoples Church, Bangalore" ନାମରେ ଅଫିସ୍ ଠିକଣାରେ ଆମ ନିକଟକୁ ପଠାଇ ପାରନ୍ତି । ବ୍ୟାଙ୍କ୍ ଟ୍ରାନ୍ସଫର୍ ଜରିଆରେ ମଧ୍ୟ ଆପଣଙ୍କ ଦାନ ପଠାଇ ପାରିବେ । ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା –

Account Name : All Peoples Church

Account Number : 0057213809

IFSC Code : CITI0000004

Bank : Citibank N.A., No.-5, M.G. Road, Bengaluru, Karnataka-560001

*ବି.ଦ୍ର. : ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଭାରତରେ ଥିବା ବ୍ୟାଙ୍କ୍ ଗୁଡ଼ିକ ମାଧ୍ୟମରେ ଦାନ ଗ୍ରହଣ କରିଥାଏ । ଦାନ ପଠାଇବା ବେଳେ ଏହାର ଉଦ୍ଦେଶ୍ୟକୁ ଅର୍ଥାତ୍ APC ର କେଉଁ ସେବାକାର୍ଯ୍ୟରେ ଏହା ବ୍ୟବହୃତ ହେବ ତାହା ଆପଣ ଲେଖି ପାରନ୍ତି । ଅଧିକ ଜାଣିବା ନିମନ୍ତେ apcwo.org/give ପରିଦର୍ଶନ କରନ୍ତୁ । ଆମମାନଙ୍କ ନିମନ୍ତେ ଓ ଆମ ସେବା କାର୍ଯ୍ୟ ନିମନ୍ତେ ଦୟାକରି ପ୍ରାର୍ଥନା କରନ୍ତୁ ।*

ଧନ୍ୟବାଦ, ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

# ଅଲ୍ ପିପୁଲ୍ସ ଚର୍ଚ୍ଚ ଦ୍ୱାରା ପ୍ରକାଶିତ ପୁସ୍ତକସମୂହ

A Church in Revival
A Real Place Called Heaven*
A Time for Every Purpose
Ancient Landmarks
Baptism in the Holy Spirit*
Being Spiritually Minded and Earthly Wise
Biblical Attitude Towards Work
Breaking Personal and Generational Bondages
Change
Code of Honor
Divine Favor
Divine Order in the Citywide Church
Don't Compromise Your Calling*
Don't Lose Hope*
Equipping the Saints
Foundations (Track 1)
Fulfilling God's Purpose for Your Life*
Giving Birth to the Purposes of God
God Is a Good God*
God's Word-The Miracle Seed*
How to Help Your Pastor
Integrity
Kingdom Builders*
Laying the Axe to the Root
Living Life Without Strife
Marriage and Family
Ministering Healing and Deliverance
Offenses-Don't Take Them
Open Heavens
Our Redemption*
Receiving God's Guidance
Revivals, Visitations and Moves of God
Shhh! No Gossip!*
Speak Your Faith
The Conquest of the Mind*
The Father's Love
The House of God
The Kingdom of God
The Mighty Name of Jesus
The Night Seasons of Life
The Power of Commitment
The Presence of God
The Redemptive Heart of God
The Refiner's Fire
The Spirit of Wisdom, Revelation and Power
The Wonderful Benefits of speaking in Tongues*
Timeless Principles for the Workplace
Understanding the Prophetic
Water Baptism*
We Are Different*
Who We Are in Christ?*
Women in the Workplace
Work Its Original Design

ଉପରୋକ୍ତ ସମସ୍ତ ପୁସ୍ତକ ଆମ ମଣ୍ଡଳୀର ୱେବ୍‌ସାଇଟ୍ **apcwo.org/books**ରୁ ମାଗଣାରେ ଡ଼ାଉନ୍‌ଲୋଡ଼୍ କରିପାରିବେ । ଅନୁବାଦିତ ଓଡ଼ିଆ ପୁସ୍ତକଗୁଡ଼ିକ ମୂଳ ଇଂରାଜୀ ପୁସ୍ତକ ନିକଟରେ * ଚିହ୍ନ ସହିତ ସୂଚିତ ହୋଇଛି । ଅନ୍ୟାନ୍ୟ ଭାଷାରେ ଅନୁବାଦିତ ପୁସ୍ତକଗୁଡ଼ିକ ମଧ୍ୟ ଉପଲବ୍ଧ । ମାଗଣାରେ ଉପଲବ୍ଧ ଇଂରାଜୀପୁସ୍ତକଗୁଡ଼ିକ ପାଇବା ପାଇଁ ଆମର ଇମେଲ୍ ଠିକଣା **bookrequest@apcwo.org**କୁ ଇମେଲ୍ ପଠାନ୍ତୁ । * ଚିହ୍ନିତ ଓଡ଼ିଆ ପୁସ୍ତକଗୁଡ଼ିକ PDF ଆକାରରେ ମିଳେ ।

ଆମ ମଣ୍ଡଳୀର ୱେବ୍‌ସାଇଟ୍‌ରୁ ମାଗଣାରେ ଅଡ଼ିଓ ଓ ଭିଡ଼ିଓ ଉପଦେଶ, ଉପଦେଶ ଟିପ୍ପଣୀସବୁ (apcwo.org/sermons) ଏବଂ ଅନ୍ୟାନ୍ୟ ଉପାଦେୟ ଓ ଉପଯୋଗୀ ବିଷୟ ପାଇପାରିବେ ।

# ଏକ ସପ୍ତାହାନ୍ତ ସ୍କୁଲ୍‌ରେ ଯୋଗ ଦିଅନ୍ତୁ

ପ୍ରତି ସପ୍ତାହରେ ବାଙ୍ଗାଲୁରୁଠାରେ ବିଶ୍ୱାସୀମାନଙ୍କୁ ତାଲିମ୍ ଦେଇ ଜୀବନ ଓ ସେବାକାର୍ଯ୍ୟ ନିମନ୍ତେ ସୁସଜ୍ଜିତ କରିବା ପାଇଁ Weekend Schools ଆୟୋଜିତ ହୋଇଥାଏ । ଶନିବାର ଦିନ ସକାଳ ୯:୦୦ଘ ରୁ ସନ୍ଧ୍ୟା ୬:୦୦ଘ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହୁଏ । ଏହା ସମସ୍ତ ମଣ୍ଡଳୀ ଓ ସମ୍ପ୍ରଦାୟର ବିଶ୍ୱାସୀମାନଙ୍କ ନିମନ୍ତେ ଉନ୍ମୁକ୍ତ, ଯଦି ସେମାନେ ତାଲିମ୍ ନେଇ ସଜ୍ଜିତ ହେବାକୁ ଚାହାନ୍ତି । ବର୍ତ୍ତମାନ ଅନୁଷ୍ଠିତ ହେଉଥିବା Weekend Schoolsରେ ନିମ୍ନ ପ୍ରସଙ୍ଗମାନ ଆୟୋଜିତ ହୋଇଥାଏ ।

ଭାବବାଣୀୟ ସେବାକାର୍ଯ୍ୟ (Prophetic Ministry)
ସୁସ୍ଥତା ଓ ଉଦ୍ଧାରକାର୍ଯ୍ୟ (Healing & Deliverance)
ଆତ୍ମାଙ୍କ ଦାନସକଳ (Gifts of the Spirit)
ପ୍ରାର୍ଥନା ଓ ନିବେଦନ (Prayer & Intercession)
ଅନ୍ତରସ୍ଥ ସମ୍ପୂର୍ଣ୍ଣତା (Inner Wholeness)
ଜୀବନଶୈଳୀ ସୁସମାଚାର (Lifestyle Evangelism)
ଈଶ୍ୱରଙ୍କ କାର୍ଯ୍ୟ (God at Work)
ସହରାଞ୍ଚଳ ମିଶନ୍ ଓ ମଣ୍ଡଳୀରୋପଣ (Urban Mission and Church Planting)
ଖ୍ରୀଷ୍ଟୀୟ ଆପୋଲୋଜେଟିକ୍ସ (Christian Apologetics)

ଅଧିକ ଜାଣିବା ପାଇଁ ଓ ନାମ ପଞ୍ଜିକରଣ କରିବା ପାଇଁ ଆମର ୱେବ୍‌ସାଇଟ୍ **apcwo.org/weekendschool** ପରିଦର୍ଶନ କରନ୍ତୁ ।

# ଖ୍ରୀଷ୍ଟୀୟ ନେତୃତ୍ୱ ଶିବିରର୍ ଆୟୋଜନ କରନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ପାଳକ, ସ୍ଥାନୀୟ ମଣ୍ଡଳୀର ନେତା, ଖ୍ରୀଷ୍ଟୀୟ ସଂଗଠନର ନେତା ଓ ଖ୍ରୀଷ୍ଟୀୟ ସେବାକାର୍ଯ୍ୟରେ ସଂଶ୍ଳିଷ୍ଟ ଅନ୍ୟମାନଙ୍କୁ ଆତ୍ମାରେ ଅଭିଷିକ୍ତ ସୁସଜ୍ଜିତକରଣ ଓ ତାଲିମ୍ ପ୍ରଦାନ କରିଥାଏ । ଅଭିଷିକ୍ତ ପ୍ରଭୁଙ୍କ ଦାସମାନଙ୍କ ଦ୍ୱାରା ଶିକ୍ଷାପ୍ରଦାନ ସଙ୍ଗେ ସଙ୍ଗେ ଆତ୍ମାରେ ଚାଳିତ ସେବାକାର୍ଯ୍ୟ ଓ ତାଲିମ୍ ପ୍ରଦାନ କରାଯାଏ । ଆମର ଦଳସବୁ ଅଂଶଗ୍ରହଣକାରୀମାନଙ୍କ ସଙ୍ଗେ ବ୍ୟକ୍ତିଗତରୂପେ ଭାବର ଆଦାନ ପ୍ରଦାନ ଓ ଆଲୋଚନା କରିଥାନ୍ତି । ଏହି ନେତୃତ୍ୱ ଶିବିର ୨/୩ ଦିନ ଧରି ଚାଲିଥାଏ ଓ ନିର୍ଦ୍ଦିଷ୍ଟ ଏକ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥାଏ । ଅଂଶଗ୍ରହଣକାରୀମାନେ ନୂତନୀକୃତ, ଶକ୍ତିଯୁକ୍ତ, ଏବଂ ଅଧିକ ଫଳପ୍ରଦ ଓ ପ୍ରଭାବଶାଳୀ ସେବାକାର୍ଯ୍ୟ କରିବାକୁ ସୁସଜ୍ଜିତ ହୋଇ ବାହାରି ଯାଇଥାନ୍ତି । ଖ୍ରୀଷ୍ଟୀୟ ନେତୃତ୍ୱ ଶିବିର ବିଭିନ୍ନ ସ୍ଥାନୀୟ ମଣ୍ଡଳୀ, ଏକ ଖ୍ରୀଷ୍ଟୀୟ ସେବାକାର୍ଯ୍ୟ, ମିଶନ୍ ସଂଗଠନ ବା ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ମଣ୍ଡଳୀସବୁର ଓ ସେମାନଙ୍କ ପାଳକମାନଙ୍କର ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ହୋଇଥାଏ । ଆୟୋଜକ ସଂଗଠନ ଅଂଶଗ୍ରହଣକାରୀମାନଙ୍କୁ ଆମନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ଶିବିରର ସମସ୍ତ ଖର୍ଚ୍ଚ ବହନ କରିବେ । ଅଲ୍ ପିପୁଲ୍ସ ଚର୍ଚ୍ଚ ଏହାର ସେବାକାର୍ଯ୍ୟ ଦଳକୁ ସେଠାକୁ ପଠାଇ ଶିବିର ପରିଚାଳନା କରିବେ ।

ପ୍ରାୟଶଃ ଆମେ ନିମ୍ନ ପ୍ରସଙ୍ଗଗୁଡ଼ିକୁ ନେଇ ଆଲୋଚନା କରିଥାଉ–

- **ଉଦ୍ଦୀପନା, ପରିଦର୍ଶନ ଓ ଈଶ୍ୱରଙ୍କ ଚଳପ୍ରଚଳ**
- **ଉପସ୍ଥିତି ଓ ଗୌରବ**
- **ରାଜ୍ୟନିର୍ମାଣକାରୀମାନେ (ଈଶ୍ୱରଙ୍କ ରାଜ୍ୟ ଓ ଏହାର ନିର୍ମାଣକାର୍ଯ୍ୟ)**
- **ସମତଳ ଭୂମି**
- **ଈଶ୍ୱରଙ୍କ ଗୃହ**
- **ପ୍ରେରିତିକ ଓ ଭାବବାଣୀୟ ସେବାକାର୍ଯ୍ୟ**
- **ସୁସ୍ଥତା ଓ ଉଦ୍ଧାର ସେବାକାର୍ଯ୍ୟ**
- **ଆତ୍ମାଙ୍କ ଦାନସକଳ**
- **ବିବାହ ଓ ପରିବାର**
- **ସାଧୁମାନଙ୍କୁ ସୁସଜ୍ଜିତ କରିବା ଓ ହାଟପଦାକୁ ପରିବର୍ତ୍ତନ କରିବା**

ଏସମ୍ପର୍କିତ ଅନ୍ୟାନ୍ୟ ବିଷୟପାଇଁ ଆମର ୱେବ୍‌ସାଇଟ୍: **apcwo.org/CLC** ପରିଦର୍ଶନ କରନ୍ତୁ ।

ଶିବିର ଆୟୋଜନ କରିବା ପାଇଁ ଆମ ସଙ୍ଗେ ଏହି email ଠିକଣା ଦ୍ୱାରା ଯୋଗାଯୋଗ କରନ୍ତୁ: contact@apcwo.org

# ମାଗଣା ଆପ୍ ଡାଉନ୍‌ଲୋଡ୍ କରନ୍ତୁ

ଆପ୍ ବା ଗୁଗୁଲ୍ ପ୍ଲେ ଷ୍ଟୋର୍‌ରୁ “All Peoples Church Bangalore” ଖୋଜି ଡ଼ାଉନ୍‌ଲୋଡ୍ କରନ୍ତୁ




**ଏଥିରେ ଥିବା ସୁବିଧାଗୁଡ଼ିକ:**

- ଦୈନିକ ୫ ମିନିଟ୍‌ର ଭିଡ଼ିଓ ଧ୍ୟାନ
- ଦୈନିକ ବାଇବଲ ପଠନ ଓ ପ୍ରାର୍ଥନା ସୂଚନା
- ବିଭିନ୍ନ ପ୍ରସଙ୍ଗ ଉପରେ ଆଧାରିତ ବାଇବଲ ଶାସ୍ତ୍ରାଂଶଗୁଡ଼ିକର ଏକ ଟୁଲ୍‌କିଟ୍ ଯାହା
- ବିଶ୍ୱାସରେ ବୃଦ୍ଧି ପାଇବାରେ ଓ ସୁସମାଚାର ଅଂଶୀ କରାଇବାରେ ସହାୟକ ।
- ବିଭିନ୍ନ ଉପଦେଶ, ଉପଦେଶ ଟିପ୍ପଣୀସମୂହ, ଟିଭି କାର୍ଯ୍ୟକ୍ରମ, ପୁସ୍ତକ, ସଙ୍ଗୀତ, ଇତ୍ୟାଦି ଏଥିରେ ଉପଲବ୍ଧ ।

***ଯଦି ଏହାକୁ ପସନ୍ଦ କରୁଛନ୍ତି, ଅନ୍ୟମାନଙ୍କୁ ଏ ବିଷୟରେ କହନ୍ତୁ!***

# ପ୍ରଭାବିତ କରିବା ପାଇଁ ନିର୍ମାଣ କରନ୍ତୁ: ଆମ ଦର୍ଶନରେ ଅଂଶଗ୍ରହଣ କରନ୍ତୁ




## ନିର୍ମାଣ କରନ୍ତୁ

APC WORLD OUTREACH & EQUIPPING CENTRE, ବାଙ୍ଗାଲୁରୁ ଏକ ବିଶ୍ୱସ୍ତରୀୟ ସମ୍ପୂର୍ଣ୍ଣ ଆଧୁନିକ ସଜ୍ଜିତକରଣ କେନ୍ଦ୍ର ଓ ମିଶନ୍ ଭିତ୍ତିଭୂମିଭାବରେ ବିଭିନ୍ନ ରାଷ୍ଟ୍ରରେ ଖ୍ରୀଷ୍ଟଙ୍କ ଶରୀରର ସେବା କରିବା ପାଇଁ ଉଦ୍ଦିଷ୍ଟ ।

## ପ୍ରଭାବିତ କରନ୍ତୁ

ଆମେ ଆତ୍ମାରେ ଅଭିଷିକ୍ତ, ବାଇବଲଭିତ୍ତିକ ତାଲିମ୍ ପ୍ରଦାନ କରି ନୂତନ ପିଢ଼ିର ଖ୍ରୀଷ୍ଟୀୟ କାର୍ଯ୍ୟକାରୀମାନଙ୍କୁ ସୁସଜ୍ଜିତ କରି ସ୍ୱଦେଶ ଓ ବିଦେଶକୁ ପଠାଇବୁ ଓ ସେମାନଙ୍କର ପୃଷ୍ଟପୋଷକତା କରିବୁ । ଏଥିପାଇଁ ଏକ ବାଇବଲ କଲେଜ ପ୍ରତିଷ୍ଠିତ ହେବ ଓ ଏଥିରେ ରହିବାର ସୁବିଧା ରହିଥିବ । ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଶିକ୍ଷା ଗ୍ରହଣର ସୁବିଧା ରହିବ । ଏକ ମିଡ଼ିଆ ସେଣ୍ଟର୍ ବି ରହିବ ଯଦ୍ୱାରା ପୃଥିବୀର ବିଭିନ୍ନ ଭାଗର ଲୋକଙ୍କ ନିକଟରେ ପହଞ୍ଚି ହେବ । ଏଠାରେ ଏକ ଉପାସନା ଗୃହ ଏବଂ ପିଲାମାନଙ୍କର ଓ ଯୁବାମାନଙ୍କ ପାଇଁ ଏକ ସେଣ୍ଟର୍ ରହିବ । ୨୪x୭ ପ୍ରାର୍ଥନା ସେଣ୍ଟର୍ ମଧ୍ୟ ରହିବ ।

ଆପଣଙ୍କୁ ପ୍ରଭୁ ଯେଭଳି ଚାଳନା ଓ ଶକ୍ତି ଦିଅନ୍ତି ତଦନୁସାରେ ଆପଣଙ୍କୁ ଏକ ସ୍ୱେଚ୍ଛାଦାନ ପଠାଇବାକୁ ଆମନ୍ତ୍ରଣ କରାଯାଏ ଏବଂ ଆମ ସଙ୍ଗେ ଏହି ଦର୍ଶନର ଭାଗୀଦାର ହୋଇ ପ୍ରଭାବିତ କରିବା ପାଇଁ ନିର୍ମାଣ କରିବା କାର୍ଯ୍ୟକ୍ରମକୁ ସାହାଯ୍ୟ କରିବାକୁ ଅନୁରୋଧ । APC WORLD OUTREACH & EQUIPPING CENTRE, ବାଙ୍ଗାଲୁରୁର ନିର୍ମାଣ କାର୍ଯ୍ୟ ନିମନ୍ତେ ଦାନ ପଠାଇବା ପାଇଁ ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା ।

| **Wire Transfer** | **Cheques** |
|---|---|
| Account: **All Peoples Church Building Fund AC** | In favor of: **All Peoples Church Building Fund AC** |
| Account No: 520101021447450 | Cheques can be mailed to: |
| IFSC Code: CORP0000656 | All Peoples Church, |
| Bank Name: Corporation Bank | #319, 2nd Floor, 7th Main, 2nd Block HRBR Layout, Kalyan Nagar, Bangalore |
| Branch Name: R.T Nagar Branch, Bangalore | 560043, Karnataka, India |

ଭାରତରେ ଥିବା ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ଆମେ ଦାନ ଗ୍ରହଣ କରିବାକୁ ପସନ୍ଦ କରିବୁ । ବିଦେଶରୁ ଆସିବାକୁ ଥିବା ଦାନ ଗ୍ରହଣ କରିବାର ସୁବିଧା ଆମ ନିକଟରେ ଉପଲବ୍ଧ ନୁହେଁ । ଯଦି ଆପଣଙ୍କର କୌଣସି ସନ୍ଦେହ ବା ପ୍ରଶ୍ନ ଥାଏ buildtoimpact@apcwo.orgକୁ email କରନ୍ତୁ । ଏହି ପ୍ରକଳ୍ପର ପ୍ରଗତି ଓ ଅନ୍ୟ ବିଷୟ ଜାଣିବା ପାଇଁ **apcwo.org/buildtoimpact** ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ ।

# All Peoples Church Bible College
## apcbiblecollege.org

ଅଲ୍ ପିପୁଲ୍ସ ଚର୍ଚ୍ଚ ବାଇବଲ୍ କଲେଜ୍ ଏଣ୍ଡ୍ ମିନିଷ୍ଟ୍ରି ଟ୍ରେନିଙ୍ଗ୍ ସେଣ୍ଟର୍ (APC-BC) ବାଙ୍ଗାଲୁରୁ, ଆତ୍ମାରେ ପୂର୍ଣ୍ଣ ଓ ଅଭିଷିକ୍ତ ପ୍ରଭୁଙ୍କ ଦାସଦାସୀମାନଙ୍କୁ ବ୍ୟବହାର କରି ଅନ୍ୟମାନଙ୍କୁ ତାଲିମ୍ ଦେଇ ସୁସଜ୍ଜିତ କରେ ଯେପରି କି ସେମାନେ ପବିତ୍ର ଆତ୍ମାଙ୍କ ଅଲୌକିକ ଶକ୍ତିରେ କାର୍ଯ୍ୟ କରନ୍ତି ଏବଂ ଈଶ୍ୱରଙ୍କ ବାକ୍ୟକୁ ଅଭ୍ରାନ୍ତ ଓ ଜ୍ଞାନୋଦ୍ଦୀପକ ଭାବରେ ବ୍ୟାଖ୍ୟା କରିପାରନ୍ତି । ସେବାକାର୍ଯ୍ୟ ନିମନ୍ତେ ବ୍ୟକ୍ତିର ପୂର୍ଣ୍ଣ ବିକାଶରେ ଆମେ ବିଶ୍ୱାସ କରୁ । ସେମାନେ ଯେପରି ପ୍ରଭୁଙ୍କଠାରେ ସଂଲଗ୍ନ ଜୀବନ କାଟନ୍ତି ଏବଂ ତଦ୍ଦ୍ୱାରା ସେମାନଙ୍କଠାରେ ଐଶିକ ଚରିତ୍ର ବିକଶିତ ହୁଏ ଓ ଈଶ୍ୱରଙ୍କ ବାକ୍ୟରେ ସେମାନେ ବଦ୍ଧମୂଳ ହୁଅନ୍ତି ଏବଂ ସେମାନଙ୍କ ସେବା କାର୍ଯ୍ୟରେ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମର ଶକ୍ତିଯୁକ୍ତ ପ୍ରଦର୍ଶନ ଅନୁବର୍ତ୍ତୀ ହୁଏ ଏହା ଉପରେ ଗୁରୁତ୍ୱ ଦିଆଯାଏ ।

APC-BC ରେ ବଳିଷ୍ଠ ଶିକ୍ଷା ସାଙ୍ଗକୁ ଈଶ୍ୱରଙ୍କ ପ୍ରେମର ପ୍ରଦର୍ଶନ, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଉପସ୍ଥିତି ଏବଂ ଈଶ୍ୱରଙ୍କର ଆଶ୍ଚର୍ଯ୍ୟ କାର୍ଯ୍ୟ ଉପରେ ଜୋର୍ ଦିଆଯାଏ । ଏଯାଏଁ ଅନେକ ତାଲିମ୍‌ପ୍ରାପ୍ତ ଯୁବକ ଯୁବତୀଙ୍କୁ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବା ନିମନ୍ତେ ପ୍ରେରଣ କରାଯାଇଛି ।

ଏଠାରେ ତିନୋଟି ପାଠ୍ୟକ୍ରମ ପ୍ରଚଳିତ :
Certificate in Theology & Christian Ministry (C.Th.) –ଏକବର୍ଷ
Diploma in Theology & Christian Ministry (Dip.Th.)– ଦୁଇ ବର୍ଷ
Bachelor in Theology & Christian Ministry (B.Th.)– ତିନି ବର୍ଷ

**ସୋମବାରଠାରୁ ଶୁକ୍ରବାର ଯାଏଁ ପୂର୍ବାହ୍ନ ୯.୦୦ଘ. ରୁ ଅପରାହ୍ନ ୧.୦୦ ଘ.** ପର୍ଯ୍ୟନ୍ତ ଶ୍ରେଣୀରେ ଶିକ୍ଷାଦାନ କରାଯାଏ । ଦିବା ବିଦ୍ୟାର୍ଥୀ, ପେଶାଦାର ବ୍ୟକ୍ତି ଓ ବିବାହିତା ସ୍ତ୍ରୀମାନେ ମଧ୍ୟ ଏ ସମସ୍ତ ତାଲିମ୍‌ରେ ଯୋଗ ଦେଇପାରିବେ ଏବଂ ଅପରାହ୍ନ ୧.୦୦ ଘ. ପରେ ସେମାନଙ୍କ କାର୍ଯ୍ୟକୁ ଯାଇପାରିବେ । ଆବାସିକ ଛାତ୍ରଛାତ୍ରୀଙ୍କ ନିମନ୍ତେ ପୃଥକ୍ ହୋଷ୍ଟେଲ୍‌ମାନ ରହିଛି । ପଢ଼ା ଦିନମାନଙ୍କରେ ଆବାସିକ ଛାତ୍ରଛାତ୍ରୀମାନେ ଅପରାହ୍ନ ୨.୦୦ ଘ.ରୁ. ୫.୦୦ ଘ. ପର୍ଯ୍ୟନ୍ତ କ୍ଷେତ୍ର କାର୍ଯ୍ୟ, ସ୍ୱତନ୍ତ୍ର ସେମିନାର୍, ପ୍ରାର୍ଥନା ଓ ଉପାସନାରେ ଯୋଗ ଦେଇଥାନ୍ତି । ଅଣଆବାସିକ ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେବା ସେମାନଙ୍କ ଇଚ୍ଛାଧୀନ । ସପ୍ତାହର ଶେଷ ଦିନମାନଙ୍କରେ ବିଭିନ୍ନ ମାଣ୍ଡଳିକ ସେବାରେ ଯୋଗ ଦେଇ ସେଠାରେ ବିଭିନ୍ନ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଏ । ଅନ୍‌ଲାଇନ୍‌ରେ ଦରଖାସ୍ତ ପଠାଇବାକୁ ଓ ଏହି କଲେଜର କାର୍ଯ୍ୟକ୍ରମ, ଯୋଗ୍ୟତା, ଟ୍ୟୁସନ୍ ଖର୍ଚ୍ଚ ବିଷୟରେ ଜାଣିବା ଏବଂ ଦରଖାସ୍ତ ଫର୍ମକୁ ଡାଉନ୍‌ଲୋଡ୍ କରିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/biblecollegeକୁ ପରିଦର୍ଶନ କରନ୍ତୁ ।

APC-BC is accredited by the
Nations Association for
Theological Accreditation (NATA)

ଖ୍ରୀଷ୍ଟ ବିଶ୍ୱାସୀମାନଙ୍କର ଆତ୍ମିକ ଯାତ୍ରାରେ ଜଳରେ ବାପ୍ତିସ୍ମ ଗ୍ରହଣ ଏକ ମହତ୍ତ୍ୱପୂର୍ଣ୍ଣ ଅନୁଭୂତି ଅଟେ । ଆମେ ଯେତେଜଣ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରି ତାଙ୍କର ଅନୁଗମନ କରିବାର ନିଷ୍ପତ୍ତି ନେଇଛୁ କୌଣସି ଏକ ସମୟରେ ଏହି ଗୁରୁତ୍ତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥାଉ । ଯେଉଁମାନେ ତାଙ୍କର ଅନୁଗମନ କରିବେ ବୋଲି ସ୍ଥିର କରିଥାନ୍ତି ସେମାନେ ଜଳରେ ବାପ୍ତିସ୍ମ ନେବା ଆବଶ୍ୟକ ବୋଲି ସ୍ୱୟଂ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆଦେଶ ପ୍ରଦାନ କରିଛନ୍ତି । ତେଣୁ ଏହି ଆଦେଶକୁ ଆମେ ନିଶ୍ଚେ ପାଳନ କରିବାକୁ ହେବ । ଏହି ପୁସ୍ତକରେ ଜଳରେ ବାପ୍ତିସ୍ମର ଅର୍ଥ ଓ ତାତ୍ପର୍ଯ୍ୟକୁ ସରଳ ଭାଷାରେ ବୁଝାଇ ଦିଆଯାଇଛି । ଏହି ପ୍ରସଙ୍ଗ ଉପରେ ଈଶ୍ୱରଙ୍କ ବାକ୍ୟରୁ କରାଯାଇଥିବା ଅଧ୍ୟୟନ ବାପ୍ତିସ୍ମ ଗ୍ରହଣ କରିବା ନିମନ୍ତେ ପ୍ରସ୍ତୁତ ହେଉଥିବା ପ୍ରାର୍ଥୀମାନଙ୍କ ନିମନ୍ତେ ଉପଯୋଗୀ ଅଟେ ।

ଜଳରେ ବାପ୍ତିସ୍ମ ଗ୍ରହଣ ସମ୍ପର୍କିତ ଛ'ଟି ମହତ୍ତ୍ୱପୂର୍ଣ୍ଣ ସତ୍ୟ ଏଠାରେ ଆଲୋଚିତ ହୋଇଛି:

୧. ମନ ପରିବର୍ତ୍ତନର ଏକ ଲକ୍ଷଣ
୨. ସମସ୍ତ ଧର୍ମକର୍ମ ପାଳନ
୩. ଆପଣ ଯେ ତାଙ୍କର ଜଣେ ଶିଷ୍ୟ ଅଟନ୍ତି ତା'ର ଏକ ସାକ୍ଷ୍ୟ
୪. ଯୀଶୁ ଖ୍ରୀଷ୍ଟଙ୍କଠାରେ ଥିବା ଆପଣଙ୍କ ବିଶ୍ୱାସର ଏକ ସାକ୍ଷ୍ୟ
୫. ଯୀଶୁଙ୍କ ସଙ୍ଗେ ଆପଣ ଚିହ୍ନିତ ଅଟନ୍ତି ବୋଲି ଏକ ଘୋଷଣା
୬. ଶୁଚି ବିବେକ ପାଇବା ନିମନ୍ତେ ପ୍ରାର୍ଥନା

ଜଳରେ ବାପ୍ତିସ୍ମ ପ୍ରସଙ୍ଗ ଉପରେ ପଚରାଯାଉଥିବା କେତେକ ସାଧାରଣ ପ୍ରଶ୍ନର ଉତ୍ତର ମଧ୍ୟ ଏଠାରେ ଦିଆଯାଇଛି ।

ଆଶିଷ୍ ରାଇଚୁର୍